ବର୍ଷ-୨୫, ସଂଖ୍ୟା-୯୫
ଭୁବନେଶ୍ୱର
୦୭, ଏପ୍ରିଲ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 95
Bhubaneswar
07 April, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ରାମନବମୀରେ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ଭେଟି

## ୮,୩୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ



ନୂଆଦିଲ୍ଲୀ,୬।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁର ରାମେଶ୍ୱରମ ଠାରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଓ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେ ଭାରତର ପ୍ରଥମ ଭର୍ଟିକାଲ ଲିଫ୍ଟ ସମୁଦ୍ର ସେତୁ, ନୂଆ ପମ୍ବନ ରେଳ ସେତୁକୁ ଉଦଘାଟନ କରିଥିଲେ ଏବଂ ସଡକ ସେତୁରୁ ଏକ ଟ୍ରେନ ଓ ଜାହାଜକୁ ପତାକା ଦେଖାଇ ଶୁଭାରମ୍ଭ କରିଥଲେ ଏବଂ ସେତୁର ପରିଚାଳନାକୁ ନିରୀକ୍ଷଣ କରିଥିଲେ। ରାମେଶ୍ୱରମସ୍ଥିତ ରାମନାଥସ୍ୱାମୀ ମନ୍ଦିରରେ ମଧ୍ୟ ସେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଆଜି ଶ୍ରୀରାମ ନବମୀର ପବିତ୍ର ଅବସର। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଆଜି ସକାଳେ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରରେ ସୂର୍ଯ୍ୟର ଦିବ୍ୟ କିରଣ ରାମଲାଲାଙ୍କୁ ଭବ୍ୟ ତିଳକରେ ସଜ୍ଜିତ କରିଥିଲା।

'ପ୍ରଭୁ ଶ୍ରୀରାମଙ୍କ ଜୀବନ ଏବଂ ତାଙ୍କ ଶାସନକାଳରୁ ସୁଶାସନର ପ୍ରେରଣା ଦେଶ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଛି' ବୋଲି ସେ କହିଛନ୍ତି। ତାମିଲନାଡୁର ସଙ୍ଗମ ଯୁଗର ସାହିତ୍ୟରେ ମଧ୍ୟ ଭଗବାନ ଶ୍ରୀରାମଙ୍କ ବିଷୟରେ ଉଲ୍ଲେଖ ରହିଛି ବୋଲି ଉଲ୍ଲେଖ କରି ସେ ରାମେଶ୍ୱରମର ପବିତ୍ର ଭୂମିରୁ ଶ୍ରୀରାମ ନବମୀ ଅବସରରେ ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

'ଆଜି ରାମନାଥସ୍ୱାମୀ ମନ୍ଦିରରେ ପ୍ରାର୍ଥନା କରି ମୁଁ ନିଜକୁ ଧନ୍ୟ ମନେ କରୁଛି' ବୋଲି ଶ୍ରୀ ମୋଦୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ ଏହି ସ୍ୱତନ୍ତ୍ର ଦିନରେ ତାଙ୍କୁ ୮,୩୦୦ କୋଟି ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପ ହସ୍ତାନ୍ତର କରିବାର ସୁଯୋଗ ମଧ୍ୟ ମିଳିଛି । ଏହି ରେଳ ଓ ସଡ଼କ ପ୍ରକଳ୍ପଗୁଡ଼ିକ ତାମିଲନାଡୁରେ ଯୋଗାଯୋଗକୁ ଯଥେଷ୍ଟ ପ୍ରୋତ୍ସାହିତ କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ପରିବର୍ତନକାରୀ ପଦକ୍ଷେପ ପାଇଁ ସେ ତାମିଲନାଡୁବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାମେଶ୍ୱରମ ହେଉଛି ଭାରତ ରତ୍ନ ଡକ୍ଟର କଲାମଙ୍କ ଭୂମି, ଯାହାଙ୍କ ଜୀବନ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ପରସ୍ପରର ପରିପୂରକ ବୋଲି ସେ ଦର୍ଶାଇଥିଲେ। ଏ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, 'ରାମେଶ୍ୱରମକୁ ନୂତନ ପମ୍ବନ ସେତୁ ସଂଯୋଗ ପ୍ରଯୁକ୍ତି ଏବଂ ପରମ୍ପରାର ମିଳନର ପ୍ରତୀକ' । ହଜାର ହଜାର ବର୍ଷ ପୁରୁଣା ଏକ ସହର ଏବେ ଏକବିଂଶ ଶତାବ୍ଦୀର ଇଞ୍ଜିନିୟରିଂ ବିଦ୍ୟାର ଚମତ୍କାର ସହ ଯୋଡ଼ି ହୋଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଇଞ୍ଜିନିୟର ଓ କର୍ମଚାରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଏହି ସେତୁ ହେଉଛି ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ରେଳ ସମୁଦ୍ର ସେତୁ, ଯାହା ଦ୍ରୁତ ରେଳ ଯାତ୍ରାକୁ ସକ୍ଷମ କରିବା ସହିତ ବଡ଼ ଜାହାଜଗୁଡ଼ିକୁ ତଳେ ଯାତ୍ରା କରିବାକୁ ଅନୁମତି ଦେଇଥାଏ । ସେ ଆଜି ସକାଳେ ଏକ ନୂତନ ଟ୍ରେନ୍ ସେବା ଏବଂ ଏକ ଜାହାଜକୁ ପତାକା ଦେଖାଇ ଶୁଭାରମ୍ଭ କରିଥିବା କଥା ଉଲ୍ଲେଖ କରିଥିଲେ ଏବଂ ଏହି ଉଲ୍ଲେଖନୀୟ ପ୍ରକଳ୍ପ ପାଇଁ ତାମିଲନାଡୁବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଅନେକ ଦଶନ୍ଧି ଧରି ଏହି ସେତୁ ପାଇଁ ଦାବି ହୋଇ ଆସୁଥିଲା ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ, ଲୋକଙ୍କ ଆଶୀର୍ବାଦରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ସୌଭାଗ୍ୟ ହାସଲ ହୋଇଛି।

# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୪(ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏଠାରେ ରାଜ୍ୟ ସରକାର ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ (ଆଇଓସିଏଲ), ପେଟ୍ରୋନେଟ ଏଲ୍ଏନଜି, ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ସମେତ ପ୍ରମୁଖ ଉଦ୍ୟୋଗ ସହିତ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ଯାଉଛନ୍ତି।

ମିଳିଥିବା ସୂତ୍ର ଅନୁଯାୟୀ, ଏହି ରଣନୈତିକ ସହଯୋଗ ପେଟ୍ରୋକେମିକାଲ ଏବଂ ରାସାୟନିକ ଶିଳ୍ପ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବା ପାଇଁ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି କରିବ। ଏହି ବୁଝାମଣାପତ୍ରର ଲକ୍ଷ୍ୟ ହେଉଛି ବିଦ୍ୟମାନ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବା, ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ବିକାଶକୁ ବୃଦ୍ଧି କରିବା।

ନୂଆଦିଲ୍ଲୀରେ ଏକ ଦୁଇ ଦିନିଆ କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଂଶୀଦାର ଏବଂ ଶିଳ୍ପ ନେତାଙ୍କ ସହିତ ଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବେ। ସେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟର ଦୃଷ୍ଟିକୋଣକୁ ରୂପରେଖ ଦେବେ, ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ରମୁଖ ସଂସ୍କାର ଏବଂ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିବେ ବୋଲି ଆଶା କରାଯାଉଛି। ଶିଳ୍ପ ବୈଠକରେ ଯୋଗଦେବା ସହିତ, ମୁଖ୍ୟମନ୍ତ୍ରୀ ମାଝୀ ନୋଏଡାର ଏଚସିଏଲ ଟେକ୍ କ୍ୟାମ୍ପସ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।ସେ ବିଭିନ୍ନ କ୍ଷେତ୍ରର ପ୍ରମୁଖ ବ୍ୟବସାୟିକ ନେତାମାନଙ୍କ ସହିତ ଏକକ ବୈଠକ ମଧ୍ୟ କରିବେ।

# ସାରା ରାଜ୍ୟ ରାମମୟ

**ଭୁବନେଶ୍ୱର,୬।୪(ମହାଭାରତ):** ଆଜି ସାରା ରାଜ୍ୟରେ ଧୁମଧାମରେ ପାଳନ ହୋଇଛି ଶ୍ରୀରାମ ନବମୀ। ସବୁ ଆଡ଼େ ଜୟ ଶ୍ରୀରାମ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଛି। ରାଜଧାନୀ ତଥା ମନ୍ଦିର ମାଳିନୀ ଭୁବନେଶ୍ୱର ସହ ବଡ଼ ସହର କଟକ, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ଭଦ୍ରକ, ପୁରୀ ସହ କୋଣଅନୁକୋଣରେ ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା ମହାଆଡ଼ମ୍ବରରେ ପାଳନ ହୋଇଯାଇଛି। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତ୍ନୀକ ରାମମନ୍ଦିରରେ ଯାଇ ପ୍ରଭୁଙ୍କ ଦର୍ଶନ କରିଛନ୍ତି।



ସେହିଭଳି ରବିବାର ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ହାତରେ ଗେରୁଆ ପତାକା ଧରି ହନୁମାନ ବେଶରେ ଜୟ ଶ୍ରୀରାମ ଧ୍ୱନି ସହ ସ୍ଥାନୀୟ ୟୁନିଟ୍-୩ ରାମ ମନ୍ଦିର ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରା ଦେଖାଇଥିଲେ। ୟୁନିଟ୍-୩ ରାମ ମନ୍ଦିର ସହ ଅନ୍ୟ ସ୍ଥାନରେ ଥିବା ମନ୍ଦିରଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସହ ରାସ୍ତାରେ ଦୁଇପଟରେ ଗେରୁଆ ପତାକାର ସଜ୍ଜିକରଣ ଏକ ଶୁସୋଭିତ ଆକର୍ଷଣ ସୃଷ୍ଟି କରୁଥିଲା। ଏଥିସହ ମନ୍ଦିର ଚାରିପଟେ ବିଭିନ୍ନ ଅନୁଷ୍ଠାନ ମାନଙ୍କର ପ୍ରସାଦ ସେବନ ଓ ପଣା ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

ସେହିପରି ଭଦ୍ରକରେ କଡ଼ା ସୁରକ୍ଷା ମଧ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ ଟାରେ ଆରମ୍ଭ ହୋଇଥିବା ନଗର ସଂକୀର୍ତ୍ତନରେ ଜିଲା ଓ ଜିଲା ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭଦ୍ରକ ପୌରାଞ୍ଚଳର ବିଭିନ୍ନ ସାହିବସ୍ତି ସମେତ ଜିଲାର ବିଭିନ୍ନ ବ୍ଲକରୁ ୧୫୦ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ସଂକୀର୍ତ୍ତନ ଦଳ, ଆଦିବାସୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ, ବାଦ୍ୟ, ଡିଜେ, କୀର୍ତ୍ତନ ମଣ୍ଡଳୀ, ସିଂହବାଜା, ଘଣ୍ଟବାଜା, ଘୋଡ଼ାନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ନେହେରୁ ଷ୍ଟାଡିୟମରୁ ଶୋଭାଯାତ୍ରା ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ସହର ପରିକ୍ରମା କରି ଗାନ୍ଧୀପଡ଼ିଆରେ ଉଦ୍‌ଯାପିତ ହୋଇଥିଲା। ଏଥିସହ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗାନ୍ଧୀପଡ଼ିଆରେ ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମୟରେ ଯଜ୍ଞ ସ୍ଥଳ ଲୋକାରଣ୍ୟ ହୋଇପଡ଼ିଥିଲା। ସହରର ବନ୍ତଛକ, ଷ୍ଟାଡିୟମ୍ ରୋଡ୍, ମୋଚିଛକ, ଆରଡ଼ିଛକ, କଚେରି ବଜାର, ବାଇପାସ୍ ରୋଡ୍, ପୁରୁଣାବଜାର ରାସ୍ତା ଲୋକାରଣ୍ୟ ହୋଇଥିଲା ଗେଲପୁର, ସନ୍ଥିଆ, ଏଲଖା, ଗେଲଟିଆ, ଗବସାହି, ଜଗନ୍ନାଥପୁର, ଜାନୁଗଞ୍ଜ, ବଙ୍କସାହି, ମଠସାହି, କୁଆଁସ, ରାଜଘାଟ, ଚରମ୍ପା, ରାନ୍ଦିଆ। ଆଦି ଅଞ୍ଚଳରୁ ବାହାରିଥିବା ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା।

ଚଳିତ ବର୍ଷ ରାମନବମୀ ଅବସରରେ ସମ୍ବଲପୁରରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅପରାହ୍ନରେ ବାଇକ ଶୋଭାଯାତ୍ରା ହୋଇଥିଲା। ଜୟ ହନୁମାନ, ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପୁରା ସହର। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ଜୟନାରାୟଣ ମିଶ୍ର ବାଇକ ଶୋଭାଯାତ୍ରାର ନେତୃ ନେଇଥିବା ବେଳେ ଭୂତାପଡା ଛକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଆସୁଛି ଲଘୁଚାପ

ଭୁବନେଶ୍ୱର,୬।୪(ମହାଭାରତ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିଲା ବେଳେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଆସିବାକୁ ଯାଉଛି ଲଘୁଚାପ। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା ବେଳେ ଏହାର ପ୍ରଭାବରେ ଲଘୁଚାପ ସୃଷ୍ଟିହେବ।

ଲଘୁଚାପ ପ୍ରଭାବରେ ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ଗଂଜାମ, ଅନୁଗୋଳ, ଦେଓଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାର କିଛି ସ୍ଥାନରେ ଘଡଘଡି ସହିତ ବର୍ଷା ସାଙ୍ଗକୁ ୩୦ ରୁ ୪୦ କିମି ବେଗରେ ଧୁଳିଆ ପବନ ହେବାର ସମ୍ଭାବନା ରହିଛି।ସେହିପରି ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କେନ୍ଦୁଝର, ସୁନ୍ଦରଗଡ଼, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡା ଜିଲାର କିଛି ସ୍ଥାନରେ ଘଡଘଡି ସହିତ ବର୍ଷା ସାଙ୍ଗକୁ ୩୦ ରୁ ୪୦ କିମି ବେଗରେ ଧୁଳିଆ ପବନ ହେବାର ସମ୍ଭାବନା ରହିଛି।ଗୁରୁବାର ମଧ୍ୟ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କେନ୍ଦୁଝର, ସୁନ୍ଦରଗଡ଼, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ନବରଙ୍ଗପୁର, ଅନୁଗୋଳ, ଦେଓଗଡ଼, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଜିଲାର କିଛି ସ୍ଥାନରେ ଘଡଘଡି ସହିତ ବର୍ଷା ସାଙ୍ଗକୁ ୩୦ ରୁ ୪୦ କିମି ବେଗରେ ଧୁଳିଆ ପବନ ହେବାର ସମ୍ଭାବନା ରହିଛି।

# ୧୧୨ ଡାଏଲ୍ ସୁବିଧା ଲୋକାର୍ପିତ

ସମ୍ବଲପୁର,୬।୪(ମହାଭାରତ): ପବିତ୍ର 'ରାମ ନବମୀ' ଅବସରରେ ସମ୍ବଲପୁର ଠାରେ ଗୃହ ବିଭାଗ ଉଦ୍ୟମରେ ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଶାସନର ପିସିଆର୍ ଯାନ ସହ ୧୧୨ ଡାଏଲ୍ ସୁବିଧାର ଲୋକାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଶୁଭାରମ୍ଭ ହୋଇଥିବା ୧୫ଟି ଅତ୍ୟାଧୁନିକ ନୀରିକ୍ଷଣ ବାହାନରେ ଥିବା ଗେଜେଟ୍, ୩୬୦ ଡିଗ୍ରୀ ଫିକ୍ସିଡେଡ୍ କ୍ୟାମେରା, ଜିପିଏସ୍, ଏବଂ ଆନୁଷଙ୍ଗିକ ସୁବିଧା ରହିଛି । ଏହି ଭ୍ୟାନ ସମ୍ବଲପୁରରେ ଅପରାଧକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ । ଲୋକାର୍ପିତ ବାହାନ ମଧ୍ୟରୁ କେବଳ ୧୨ଟି ଗାଡି ସହର ଭିତରେ ରହିବ । ସ୍ୱଳ୍ପ ସମୟ ମଧ୍ୟରେ ଲୋକମାନେ କରୁଥିବା ଅଭିଯୋଗ ସ୍ଥନ ଖୁବ ଶୀଘ୍ର ଚିହ୍ନଟ କରିହେବ । ଜନସାଧାରଣଙ୍କ ଅଭିଯୋଗ କ୍ରମେ ତୁରନ୍ତ ପଦକ୍ଷେପ ନିଆଯିବ । ଓଡ଼ିଶାରେ ଆଇନଶୃଙ୍ଖଳାକୁ ଆହୁରି ମଜଭୂତ୍ କରିବା ତଥା ସମ୍ବଲପୁର ସହରରେ ଅପରାଧିକ ଘଟଣାବଳୀକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ବିଶେଷ ପ୍ରାଥମିକତା ଦେଇଛନ୍ତି ।

# ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ୪୬ତମ ସ୍ଥାପନା ଦିବସ ପାଳିତ

## ସରକାର ଓ ଦଳର ସମନ୍ୱୟରେ ସଂକଳ୍ପପତ୍ରର ସବୁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବ ବିଜେପି ସରକାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୪(ମହାଭାରତ): ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ ମସିହାରେ ଗଠନ ହୋଇଥିବା ଭାରତୀୟ ଜନତା ପାର୍ଟି ଆଜି ୪୬ ତମ ପତଷ୍ଠା ଦିବସ ପାଳନ କରୁଛି । ୧୯୮୦ ମସିହାରେ ଦେଶରେ ଯେତେବେଳେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା, ସେତବେଳେ ଦେଶର ରାଜନୈତିକ ବିକଳ୍ପ ଭାବେ ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ଭାରତୀୟ ଜନତା ପାର୍ଟି ଆରମ୍ଭ ହୋଇଥିଲା । ଶ୍ରୀ ଅଟଳବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ୍‌ଭାନୀ ପ୍ରମୁଖଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଦଳ ୧୯୮୪ ମସିହା ସାଧାରଣ ନିର୍ବାଚନରେ ମାତ୍ର ୨ ଜଣ ସାଂସଦ ନିର୍ବାଚିତ ହୋଇଥିଲେ । ୪୬ ବର୍ଷର ସଂଘର୍ଷ ଯାତ୍ରା ପରେ ଆଜି ଭାରତୀୟ ଜନତା ପାର୍ଟିର୍ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି । ୨୧ଟି ରାଜ୍ୟରେ ବିଜେପି ଏବେ ଶାସନ କ୍ଷମତାରେ ରହିଛି । କାଶ୍ମୀରରୁ କନ୍ୟାକୁମାରୀ ଏବଂ ଗୁଜୁରାଟର କଚ୍ଛଠାରୁ ଆରମ୍ଭ କରି ଆସାମର ଡିବ୍ରୁଗଡ଼ ପର୍ଯ୍ୟନ୍ତ ଏହି ଦଳ ପରିବ୍ୟାପ୍ତ ହୋଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ଆଜିର ଦିନଟି ଆମ ପାଇଁ ଗର୍ବର ଦିନ । ଏହି ଦିନ ଆମକୁ ଆମର ମୂଲ୍ୟବୋଧ, ନୀତି, ଦୃଢ଼ ସଂକଳ୍ପକୁ ପୁନଃସ୍ମରଣ କରାଏ । ସଂଗଠନର ଶକ୍ତି ଓ ସମର୍ପଣ ଭାବକୁ ସ୍ମରଣ କରି ଭବିଷ୍ୟତପିଢ଼ି ପାଇଁ ନୂତନ ଶକ୍ତି ଓ ଶପଥ ନେବାର ସମୟ । ଏକାଗ୍ର ମନୋବଳ ସହ ଦେଶ ଓ ସମାଜ ଗଢ଼ିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି । ସର୍ବସ୍ପର୍ଶୀ, ସର୍ବବ୍ୟାପୀ, ସର୍ବସମାବେଶୀ



ଏବଂ ସଂକଳ୍ପ ମାଧ୍ୟମରେ ଅନ୍ତ୍ୟୋଦୟକୁ ଅଗ୍ରାଧିକାର ଦେଇ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ପ୍ରତିଷ୍ଠିତ କରାଇଥିବା ସମସ୍ତ କାର୍ଯ୍ୟକର୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଂଚାଇବାର ବଜ୍ର ଶପଥ ନେଇ ଗଢି ଉଠିଥିଲା ଭାରତୀୟ ଜନତା ପାର୍ଟି । ଲକ୍ଷ୍ୟ ଥିଲା ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ପାଖରେ ବିକାଶ ପହଂଚାଇବା । ରାଷ୍ଟ୍ରର ସେବା କରି, ତାର ଅଖଣ୍ଡତାକୁ ବଜାୟ ରଖିବା ସହ ନିରନ୍ତର ଭାବେ ସେବା କରିବା ଫଳରେ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶ ଆଜି ତାର ସଂଗଠନକୁ ସୁଦୃଢ଼ କରିପାରିଛି । ବହୁ ସଂଘର୍ଷ କରି ଆଜି ଆମେ ଏହି ସ୍ଥାନରେ ପହଂଚି ପାରିଛନ୍ତି । ଆଜି ଓଡ଼ିଶାରେ ଡବଲ ଇଞ୍ଜିନି ସରକାର କାର୍ଯ୍ୟ କରୁଛି । ଆମର ଲକ୍ଷ୍ୟ ହେଉଛି ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୨୦୪୭ରେ ବିକଶିତ ଭାରତ ଗଠନ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ସେଥିପାଇଁ ଓଡ଼ିଶା ପ୍ରଦେଶର ବିଜେପି ସରକାର ନିରନ୍ତର ଭାବେ କାର୍ଯ୍ୟ କରିଚାଲିଛି । ଏଥିରେ ଦଳର ପ୍ରତ୍ୟେକ କାର୍ଯ୍ୟକର୍ତାମାନଙ୍କ ସହଯୋଗ ଜରୁରୀ । ଆଜି ବିଜେପି ସରକାର ଚାଷୀ, ଶ୍ରମିକ, ମହିଳା, ଯୁବକ, ଗରିବ, ପଛୁଆବର୍ଗର ଲୋକଙ୍କ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ବହୁ ସଂଘର୍ଷ ପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ବିଚାରଧାରାରେ ଭାରତୀୟ ଜନତା ପାର୍ଟି ଗଠନ କରାଯାଇଥିଲା । ତୃଣମୂଳସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଦଳର ସବୁସ୍ତରରେ ଯେପରି ଲୋକତନ୍ତ୍ର, ନିରପେକ୍ଷତା ରହିବ ସେଉପରେ ଗୁରତ୍ୱ ଦିଆଯାଇଥିଲା । ଭାରତୀୟ ଜନତା ପାର୍ଟି ସବୁବେଳେ ସମାଜର ଶେଷ ପାହାଚରେ ରହିଥିବା ବ୍ୟକ୍ତିର ବିକାଶ ପାଇଁ ଗୁରୁତ୍ୱ ଦେଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିରନ୍ତର ଉଦ୍ୟମ ଫଳରେ ଭାରତବର୍ଷ ଆଜି ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଭାବେ ଗଢି ଉଠିବା ପାଇଁ ଅଟଳ ସଂକଳ୍ପବଦ୍ଧ ବୋଲି ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟପାଲ ସିଂ ତୋମାର କହିଛନ୍ତି ।

# କର୍ଣ୍ଣାଟକରେ କ୍ଷମତା ଲଢ଼େଇ

ବେଙ୍ଗାଲୁରୁ,୬।୪(ମହାଭାରତ): କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସଭାପତି ପଦ ଛାଡ଼ିବା ପାଇଁ ସିଧାସଳଖ ମନା କରି ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର। ଫଳରେ କର୍ଣ୍ଣାଟକା କଂଗ୍ରେସରେ ଚାଲିଥିବା କ୍ଷମତା ଲଢ଼େଇ ଆହୁରି ତୀବ୍ର ହୋଇଛି।ସ୍ଥିତି ଏଭଳି ହେବା ସତ୍ତ୍ୱେ ଦିଲ୍ଲୀରେ ଥିବା କଂଗ୍ରେସର ଶୀର୍ଷ ନେତୃ ଶିବକୁମାରଙ୍କୁ ସମର୍ଥନ କରୁଥିବା ଜଣାପଡ଼ିଛି ବର୍ତ୍ତମାନ ପାଇଁ ତ ସେମାନେ (କଂଗ୍ରେସର ଶୀର୍ଷ ନେତୃ) ଶିବକୁମାରଙ୍କୁ ସମର୍ଥନ କରୁଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ କଣ ହେବ, ତାହା ସେତେବେଳେ ଜଣାପଡ଼ିବ।

ଦୁଇ ଦିନିଆ ଦିଲ୍ଲୀ ଗସ୍ତ ସାରି କର୍ଣ୍ଣାଟକା ଫେରିଛନ୍ତି ଶିବକୁମାର। କୁହାଯାଉଛି, ସେ ଦଳର ହାଇକମାଣ୍ଡଙ୍କ ନିକଟରେ ତାଙ୍କର ନିଷ୍ପତ୍ତି ସ୍ପଷ୍ଟ କରି ଦେଇଛନ୍ତ। ସେ କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦ ଛାଡ଼ିବେ ନାହିଁ ବୋଲି କହିଛନ୍ତି।ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ସେ କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦ ଛାଡ଼ିବେ ନାହିଁ ବୋଲି କହିଥିବା ଜଣାପଡ଼ିଛି।

ଶିବକୁମାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ କଂଗ୍ରେସ ହାଇକମାଣ୍ଡ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ କ୍ୟାବିନେଟ୍‌ରେ ଥିବା ତାଙ୍କର ବିଶ୍ୱସ୍ତ ସାଥୀମାନଙ୍କୁ ଫୋନ୍ କରି ଆଲୋଚନା କରିଥିଲେ। ସିଦ୍ଧରମୈୟା ଓ ତାଙ୍କର ବିଶ୍ୱସ୍ତ କ୍ୟାବିନେଟ୍ ସାଥୀମାନେ ଶିବକୁମାରଙ୍କୁ କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟିର ସଭାପତିରୁ ବାହାର କରିବାକୁ ଚାହୁଁଥିବା କୁହାଯାଉଛି। ରାଜ୍ୟରେ ଚଳିତ ବର୍ଷ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳର ରାଜ୍ୟ ସଭାପତିଙ୍କୁ ପରିବର୍ତ୍ତନ କରାଯିବ ନାହିଁ ବୋଲି ହାଇକମାଣ୍ଡ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ତାଙ୍କର ବିଶ୍ୱସ୍ତ କ୍ୟାବିନେଟ୍ ସାଥୀମାନଙ୍କୁ କହିଥିବା ଜଣାପଡ଼ିଛି।



ରାଜନୀତିକ ସମୀକ୍ଷକଙ୍କ ମତରେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଲକ୍ଷ୍ୟ ରଖିଥିବାରୁ ଦଳର ରାଜ୍ୟ ସଭାପତି ପଦରୁ ଇସ୍ତଫା ଦେବାକୁ ମନା କରି ଦେଇଛନ୍ତି।କାରଣ ସେ ଜାଣିଛନ୍ତି ଯେ ସଭାପତି ପଦ ଛାଡ଼ିଦେଲେ ଦଳରେ ତାଙ୍କର ସ୍ଥିତି ଦୁର୍ବଳ ହୋଇଯିବ।

କର୍ଣ୍ଣାଟକା କଂଗ୍ରେସକୁ ସଂପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେବା ପାଇଁ ରାଜ୍ୟର ଦୁଇ ପ୍ରମୁଖ ନେତା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି।ଯେହେତୁ ଦଳର ଶୀର୍ଷ ନେତୃ ଶିବକୁମାରଙ୍କୁ ସଭାପତି ପଦରୁ ବାହାର କରି ନାହାନ୍ତି, ତେଣୁ ସେମାନେ ସ୍ଥିତିକୁ ସନ୍ତୁଳିତ କରି ରଖିବାକୁ ପ୍ରୟାସ କରୁଥିବା ଜଣାପଡୁଛି।

ଜଣେ ବ୍ୟକ୍ତି, ଗୋଟିଏ ପଦବୀ ନୀତିରେ ଉପ-ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ଦଳର ରାଜ୍ୟ ସଭାପତି ପଦରୁ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କର କିଛି ବିଶ୍ୱସ୍ତ ମନ୍ତ୍ରୀ ଅଭିଯାନ ଚଳାଇଛନ୍ତି। ଏହି ମନ୍ତ୍ରୀଙ୍କ ମଧ୍ୟରେ ସମବାୟ ମନ୍ତ୍ରୀ କେଏନ୍ ରାଜନ୍ନା ମଧ୍ୟ ଥିଲେ କିନ୍ତୁ ହନିଟ୍ରାପ୍ ମାମଲା ପରେ ଏହି ଅଭିଯାନ ଶୀତଳ ପଡ଼ି ଯାଇଥିଲା। ରାଜନ୍ନା ଖୋଲାଖୋଲି ଘୋଷଣା କରିଥିଲେ ଯେ ଷଡ଼ଯନ୍ତ୍ର କରି ଯେଉଁ ୪୮ ଜଣ ରାଜନେତାଙ୍କୁ ହନିଟ୍ରାପ ମାମଲାରେ ଫସାଯାଇଥିଲା। ଆଉ ସେଥିଯୋଗୁ ଶିବକୁମାର ହଟାଅ ଅଭିଯାନ ଶୀତଳ ପଡ଼ିଯାଇଥିଲା।

କ୍ଷମତାକୁ ନେଇ ଦଳ ଭିତରେ ଚାଲିଥିବା ଲଢ଼େଇ ଶିବକୁମାର ଆଦୌ ବିଚଳିତ ଥିବା ଭଳି ମନେ ହେଉ ନାହାନ୍ତି।ସେ କହୁଛନ୍ତି ଯେ ନେତୃତ୍ୱ ହାସଲ କରାଯାଏ କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟି (କେପିସିସି) ପଦବୀ କୌଣସି ଦୋକାନରେ ମିଳେ ନାହିଁ। ଗଣମାଧ୍ୟମରେ ବାରମ୍ବାର ମତାମତ ଦେଲେ ମଧ୍ୟ ଏହି ପଦ ମିଳେ ନାହିଁ। କର୍ଣ୍ଣାଟକାର ପୂର୍ବତ୍ତ ମନ୍ତ୍ରୀ ସତୀଶ ଜାରକୀହୋଲି କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସଭାପତି ହେବାକୁ ଚାହୁଁଛନ୍ତି। ସେ ଖୋଲାଖୋଲି ଭାବେ କେପିସିସି ସଭାପତି ପରିବର୍ତ୍ତନ ପାଇଁ କହୁଛନ୍ତି ସେ କହିଛନ୍ତି ଯେ ୨୦୨୮ ବିଧାନସଭା ନିର୍ବାଚନ ପୂର୍ବରୁ ଦଳକୁ ତୃଣମୂଳ ସ୍ତରରୁ ଦୃଢ଼ କରିବା ପାଇଁ ଜଣେ ସମର୍ପିତ ସଭାପତି ଆବଶ୍ୟକ।।

# ଉତ୍ତର ଓଡ଼ିଶାର ରେଳ ଷ୍ଟେସନଗୁଡ଼ିକରେ ବିପ୍ଳବ ଆସିବ





ଭୁବନେଶ୍ୱର,୬।୪(ମହାଭାରତ): ଭାରତୀୟ ରେଳ ଏହାର ଅମୃତ ଷ୍ଟେସନ ଯୋଜନାର ଅଂଶ ଭାବରେ ଓଡ଼ିଶାର ଉତ୍ତର ଭାଗରେ ବିଭିନ୍ନ ରେଳ ଷ୍ଟେସନଗୁଡ଼ିକର ପୁନର୍ବିକାଶ କରୁଅଛି। ଏହି ପୁନର୍ବିକାଶ ଲକ୍ଷ୍ୟ ହେଉଛି ପ୍ରମୁଖ ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ ସୁବିଧା ସହିତ ପରିବର୍ତ୍ତନ କରିବା, ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ଏବଂ ଆଞ୍ଚଳିକ ସ୍ତରରେ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।

ଏହି ପୁନର୍ବିକାଶ ଭିତ୍ତିଭୂମିର ଉନ୍ନତି, ସୁବିଧାସୁଯୋଗର ଆଧୁନିକୀକରଣ ଏବଂ ଯାତ୍ରୀ ମାନଙ୍କ ପାଇଁ ଆରାମଦାୟକ ସେବା ଏବଂ ବାଣିଜ୍ୟିକ ଅଭିବୃଦ୍ଧିକୁ ସମର୍ଥନ କରିବା କ୍ଷେତ୍ରରେ ସୁଗମ ରେଳ ସଂଯୋଗ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି । ଏହା ଦ୍ୱାରା ଓଡ଼ିଶାର ଉତ୍ତର ଅଞ୍ଚଳର ମନୋନୀତ ଷ୍ଟେସନଗୁଡ଼ିକରେ ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ସେବାରେ ଯଥେଷ୍ଟ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଭାରତୀୟ ରେଳ ନେଟୱର୍କକୁ ଆଧୁନିକୀକରଣ କରିବା ଏବଂ ସମସ୍ତଙ୍କ ପାଇଁ ଏକ ଦକ୍ଷ ଏବଂ ଉପଯୋଗୀ-ଅନୁକୂଳ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଚାଲିଥିବା ପ୍ରୟାସ ସହିତ ସମନ୍ୱୟରେ ଉଭା ହୋଇଛ। ପୁନର୍ବିକାଶର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ: ଆଧୁନିକ ଭିତ୍ତିଭୂମି: ଷ୍ଟେସନଗୁଡ଼ିକରେ ଆଧୁନିକ ପ୍ଲାଟଫର୍ମ, ଉନ୍ନତ ଟିକେଟିଂ ସୁବିଧା, ପ୍ରତୀକ୍ଷା କ୍ଷେତ୍ର ଏବଂ ଉନ୍ନତ ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ରହିବ, ଯାହା ସମସ୍ତ ଯାତ୍ରୀଙ୍କ ପାଇଁ ସୁବିଧା ଏବଂ ଆରାମଦାୟକ ରେଳ ସେବା ସୁନିଶ୍ଚିତ କରିବ ।

ବର୍ଦ୍ଧିତ ସୁଗମତା: ଷ୍ଟେସନ ପୁନର୍ବିକାଶ କାର୍ଯ୍ୟଦ୍ୱାରା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଜନ ଯାତ୍ରୀ ଏବଂ ପିଲା ମାନଙ୍କ ସହ ପରିବାରବର୍ଗଙ୍କ ସହ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ସୁଗମତାକୁ ଉନ୍ନତ କରିବା ପାଇଁ ଲିଫ୍ଟ ଏବଂ ଏସ୍କେଲେଟର ସହିତ ଫୁଟ ଓଭର ବ୍ରିଜ (ଏଫଓବି) ଅନ୍ତର୍ଭୁକ୍ତ ହେବ।

ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଡିଜାଇନ୍: ସ୍ଥାୟୀ ବିକାଶ ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ସହିତ ଷ୍ଟେସନଗୁଡ଼ିକ ସବୁଜ ନିର୍ମାଣ ନୀତି ଗ୍ରହଣ କରିବା ସହ ନବୀକରଣୀୟ ଶକ୍ତି ସମାଧାନ, ଜଳ ସଂରକ୍ଷଣ ପ୍ରଣାଳୀ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ସମନ୍ୱିତ କରୁଅଛି । ପରିସରରେ ଉନ୍ନତ ଚଳପ୍ରଚଳ (ସର୍କୁଲେଟିଂ) ଅଞ୍ଚଳ: ଏହି ପୁନର୍ବିକାଶ ମାଧ୍ୟମରେ, ଷ୍ଟେସନ ସର୍କୁଲେଟିଂ ଅଞ୍ଚଳରେ ଉନ୍ନତି ଆଣିବାର ଯୋଜନା କରାଯାଇଛି ଯେଉଁଥିରେ ଡ୍ରପ୍-ଇନ୍ ଏବଂ ଡ୍ରପ୍-ଆଉଟ୍ ଲେନ୍ ସହିତ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଅନ୍ତର୍ଭୁକ୍ତ ହେବ। ଅତ୍ୟାଧୁନିକ ଯାତ୍ରୀ ସୁବିଧା: ୱାଇ-ଫାଇ, ଡିଜିଟାଲ୍ ଡିସପ୍ଲେ, ସହ ଉନ୍ନତ ସୁରକ୍ଷା ବ୍ୟବସ୍ଥା, ଉନ୍ନତ କ୍ୟାଟରିଂ ସେବା ଏବଂ ଆଧୁନିକ ପ୍ରତୀକ୍ଷା ଲାଉଞ୍ଜ ଭଳି ସୁବିଧା ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ । ଆର୍ଥିକ ଅଭିବୃଦ୍ଧି: ଏହି ପୁନର୍ବିକାଶ ପ୍ରକଳ୍ପର ଲକ୍ଷ୍ୟ ହେଉଛି ପର୍ଯ୍ୟଟନକୁ ବୃଦ୍ଧି କରିବା, ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ।ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ବିବିଧ ଭୂଦୃଶ୍ୟ ସହିତ ଉତ୍ତର ଓଡ଼ିଶା ଅଞ୍ଚଳ ଏହି ଉନ୍ନୟନରୁ ଯଥେଷ୍ଟ ଲାଭବାନ ହେବ। ରାଇରଙ୍ଗପୁର, ବାରିପଦା ଏବଂ କେଉଁଝର ଭଳି ପ୍ରମୁଖ ସ୍ଥାନ ମାନଙ୍କରେ ଥିବା ରେଳ ଷ୍ଟେସନଗୁଡ଼ିକ ଖୁବ୍‌ଶୀଘ୍ର ଉନ୍ନତ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବେ ଯାହା ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କୁ ଏହି ଅଞ୍ଚଳର ବିଶାଳ ଐତିହ୍ୟ ଏବଂ ପରିବେଶ-ପର୍ଯ୍ୟଟନ ସମ୍ଭାବନାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସହଜ କରିବ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



ଖବର

## ନ୍ୟୁଜ୍ ରିଲ୍: ଓଟିଟି ଡେବ୍ୟୁ ପାଇଁ ୧୨୫କୋଟି



ବଲିଉଡର ସିଙ୍ଘମ୍ ଭାବେ ଜଣାଶୁଣା ଅଭିନେତା ଅଜୟ ଦେବଗନ୍ଙ୍କୁ ନେଇ ଏକ ନୂଆ ଚର୍ଚ୍ଚା ସାମ୍ନାକୁ ଆସିଛି। ଏହା କେଣସି ଫିଲ୍ମକୁ ନେଇ ନୁହେଁ, ନିଜର ଏକ ୱେବ୍ ସିରିଜ୍ ପାଇଁ ଖବରକୁ ଆସିଛନ୍ତି ସେ ଓଟିଟି ଡେବ୍ୟୁ ପାଇଁ ସେ ନେଇଥିବା ପାରିଶ୍ରମିକ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ୨୦୨୨ରେ ସିରିଜ୍ଟି ରିଲିଜ୍ ହୋଇଥିବା ବେଳେ ଏବେ ତାଙ୍କ ପାରିଶ୍ରମିକକୁ ନେଇ ଖୁଲାସା ହୋଇଛି । ୨୦୨୨ରେ ସେ ସେ 'ରୁଦ୍ର: ଦି ଏଜ୍ ଅଫ୍ ଡାର୍କନେସ୍' ସିରିଜ୍ ମାଧ୍ୟମରେ ଓଟିଟିରେ ଡେବ୍ୟୁ କରିଥିଲେ । କୁହାଯାଉଛି, ସଫଳ ବଲିଉଡ୍ ଷ୍ଟାର୍ ଅଜୟ ସସ୍ପେନ୍ସ ଥ୍ରିଲର୍ ସିରିଜ୍ର ପ୍ରତି ଅଧ୍ୟାୟ ପାଇଁ ୧୮ କୋଟି ଟଙ୍କା ପାରିଶ୍ରମିକ ନେଇଥିଲେ। ସମଗ୍ର ସିରିଜ୍ ପାଇଁ ତାଙ୍କୁ ୧୦୦ କୋଟି ଟଙ୍କାରୁ ଅଧିକ ପାରିଶ୍ରମିକ ମିଳିଥିଲା। 'ରୁଦ୍ର' ସିରିଜ୍ରେ ସମୁଦାୟ ୭ଟି ଅଧ୍ୟାୟ ଥିବାରୁ ସେ ମୋଟ୍ ୧୨୫ କୋଟି ଟଙ୍କା ନେଇଥିବା ଆକଳନ କରାଯାଇଛି, ଯାହା ଓଟିଟି ପ୍ଲାଟ୍ଫର୍ମ ପାଇଁ ସର୍ବାଧିକ ବୋଲି ଚର୍ଚ୍ଚା ହେଉଛି।'ରୁଦ୍ର: ଦି ଏଜ୍ ଅଫ୍ ଡାର୍କନେସ୍'ରେ ଅଜୟ ଡିସିପି ରୁଦ୍ରବୀର ସିଂହ ଚରିତ୍ରରେ ଅଭିନୟ କରିଥିଲେ। ଏହି ଥ୍ରିଲର୍ ସିରିଜ୍ରେ ଅଜୟଙ୍କ ସହ ଅଭିନେତ୍ରୀ ରାଶି ଖାନ୍ନା, ଇଶା ଦେଓଲ୍, ଅଶ୍ୱିନୀ କଲ୍ସେକର୍, ଅତୁଲ କୁଲ୍କର୍ଣ୍ଣି, ତରୁଣ ଗେହଲଟ୍ଙ୍କ ଭଳି କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏହି ସିରିଜ୍ଟି ଏବେ ଜିଓ ହଟ୍ଷ୍ଟାର୍ରେ ପ୍ରସାରିତ ହେଉଛି।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

## ଶିବଙ୍କ ଅଷ୍ଟରୂପ

ଶିବ ସ୍ୱୟଂ ପ୍ରକୃତିର ସ୍ୱରୂପ । ସେଥିପାଇଁ ଶିବଙ୍କ ଆଠ ପ୍ରକାର ସ୍ୱରୂପ ଶର୍ବ, ଭବ, ରୁଦ୍ର, ଉଗ୍ର, ଭୀମ, ପଶୁପତି, ଈଶାନ ଏବଂ ମହାଦେବ ମୂର୍ତ୍ତି ରହିଛି । ଏହି ମୂର୍ତ୍ତି ଭୂମି, ଜଳ, ଅଗ୍ନି, ବାୟୁ, କ୍ଷେତ୍ରଜ୍ଞ, ସୂର୍ଯ୍ୟ ଏବଂ ଚନ୍ଦ୍ରମାକୁ ନିୟନ୍ତ୍ରିତ କରିଥାନ୍ତି । -ଶର୍ବ ସ୍ୱରୂପରେ ଶିବ ସମଗ୍ର ଜଗତକୁ ଧାରଣ କରୁଥିବା ପୃଥ୍ୱୀମୟୀ ମୂର୍ତ୍ତିର ସ୍ୱାମୀ । ସେଥିପାଇଁ ଶିବଙ୍କ ଶାର୍ବୀ ପ୍ରତିମାଙ୍କୁ ମଧ ପୂଜା କରାଯାଇଥାଏ । ଶିବଙ୍କ ଆକାଶରୂପୀ ମୂର୍ତ୍ତି ହେଉଛି ଭୀମ । ଏହା ଦୁଷ୍ଟ ଏବଂ ତମସ ଗୁଣ ନାଶ କରି ଜଗତରେ ଶାନ୍ତି ବିରାଜମାନ କରିଥାଏ । ବାୟୁ ରୂପରେ ଶିବ ଜଗତକୁ ଗତି ପ୍ରଦାନ କରିଥାନ୍ତି ଏବଂ



ଲାଳନପାଳନ ମଧ କରିଥାନ୍ତି । ସେଥିପାଇଁ ସେ ଉଗ୍ର ସ୍ୱରୂପ ଧାରଣ କରିଛନ୍ତି । ଶିବଙ୍କ ଏହି ମୂର୍ତ୍ତି ଔଗ୍ର ନାମରେ ମଧ ପ୍ରସିଦ୍ଧ । ଶିବଙ୍କ ଜଳଯୁକ୍ତ ମୂର୍ତ୍ତି ଜଗତକୁ ପ୍ରାଣଶକ୍ତି ଏବଂ ଜୀବନ ପ୍ରଦାନ କରିଥାଏ । ସେଥିପାଇଁ ସେ ଭବ । ରୁଦ୍ର ହେଉଛି ଶିବଙ୍କ ସବୁଠୁ ଓଜସ୍ୱୀ ମୂର୍ତ୍ତି । ଏହା ସାରା ଜଗତର ଭିତରେ ଏବଂ ବାହାରେ ଥିବା ସମସ୍ତ ଶକ୍ତିର ଗତିବିଧି ମଧ୍ୟରେ ସ୍ଥିତ । ପଶୁପତି ହେଉଛନ୍ତି ସମସ୍ତ ଆତ୍ମାର ନିୟନ୍ତ୍ରକ । ସେ ପଶୁ ଅର୍ଥାତ୍ ଦୁର୍ଜ୍ଜନ ପ୍ରବୃତ୍ତିକୁ ନାଶ କରିଥାନ୍ତି । ସୂର୍ଯ୍ୟ ରୂପରେ ଆକାଶରେ ଚଳତ୍ମାନ ଥିବା ମହାଦେବଙ୍କ ଦିବ୍ୟ ମୂର୍ତ୍ତିକୁ ଈଶାନ କୁହାଯାଏ । ଚନ୍ଦ୍ର ରୂପକୁ ଶିବଙ୍କ ସାକ୍ଷାତ୍ ମୂର୍ତ୍ତି ବୋଲି ବିବେଚନା କରାଯାଇଥାଏ । ଚନ୍ଦ୍ର କିରଣ ଅମୃତ ସମାନ । ଚନ୍ଦ୍ର ରୂପରେ ଶିବଙ୍କ ଏହି ମୂର୍ତ୍ତି ମହାଦେବ ନାମରେ ପ୍ରସିଦ୍ଧ । ଏହି ମୂର୍ତ୍ତିର ସ୍ୱରୂପ ଅନ୍ୟ ମୂର୍ତ୍ତି ଠାରୁ ବ୍ୟାପକ ।

## କର୍ମ ବଡ଼ କି ଭାଗ୍ୟ ?



ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି । ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା।

କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗଙ୍କୁ



ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗଙ୍କୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗଙ୍କୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗଙ୍କୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର, ୬।୪ (ମହାଭାରତ):** ବ୍ରିଟିଶ ସରକାରଙ୍କ ଶୋଷଣ ଓ ଅତ୍ୟାଚାରର ବିରୁଦ୍ଧରେ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା । ଏହି ସଂଗ୍ରାମର ପୁରୋଧା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ବ୍ରିଟିଶ ସରକାର ଫାଶୀଖୁଣ୍ଟରେ ଝୁଲାଇ ଦେଇଥିଲେ । ତାଙ୍କର ଏହି ବଳିଦାନର ପ୍ରତିବଦଳରେ ଦେଶରୁ ଅତ୍ୟାଚାରୀ ଇଂରେଜ ଶାସନ ତଥା ରାଜାରାଜୁଡ଼ା ଶାସନର ଅବସାନ ଘଟିଲା । ଓଡ଼ିଶା ମାଟିର ସେହି ସୁଯୋଗ୍ୟ ବରପୁତ୍ରମାନଙ୍କ ବୀରତ୍ୱର ଇତିହାସ ପାଇଁ ଆଜି ଆମେ ଗର୍ବିତ ବୋଲି ସ୍ଥାନୀୟ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଅମର ଶହୀଦ ରଘୁ-ଦିବାକରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଅମର ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ରଣପୁର ପ୍ରଜା ଆନ୍ଦୋଳନର ପୁରୋଧା ସାଜି ବ୍ରିଟିଶ ତଥା ରାଜାଙ୍କର କୁଶାସନ ବିରୁଦ୍ଧରେ ଦୁର୍ବାର ସଂଗ୍ରାମ କରି ସହିଦ ରଘୁ-ଦିବାକର ଜୀବନ ଉତ୍ସର୍ଗ କରିଥିଲେ । ଏହି ଉଦୀୟମାନ ତରୁଣମାନେ ବିଦ୍ରୋହୀ ଭାବାପନ୍ନ ହୋଇଯିବା ପଛରେ ରହିଥିଲା ତତ୍‌କାଳୀନ ରଣପୁର ଗଡ଼ଜାତର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପରିସ୍ଥିତି । ଦିବାକରଙ୍କ ଏକ ବିପ୍ଳବୀ କବିତା ଆବୃତ୍ତି କରିବା ଛଳରେ ମାନ୍ୟବର ବାଚସ୍ପତି କହିଲେ ଯେ ସେ ତାଙ୍କ କଲମ ମୁନରେ ଏ ଜାତି ପାଇଁ ଅନେକ କିଛି ବାର୍ତ୍ତା ଦେଇ ଯାଇଛନ୍ତି । ଅତ୍ୟାଚାରୀ ପଲିଟିକାଲ ଏଜେଣ୍ଟ ବେଜେଲ୍‌ଗେଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ଉଭୟଙ୍କୁ ୧୯୪୧ ମସିହା ଅପ୍ରେଲ ୪ ତାରିଖରେ ବିହାରର ଭାଗଲପୁର ଜେଲରେ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଦୁଇଟି ସଂଗ୍ରାମୀ ଜୀବନ ଅକାଳରେ ଝଡିଗଲା । ତାଙ୍କର ଏହି ବଳିଦାନର ପ୍ରତିବଦଳରେ ଦେଶରୁ ଅତ୍ୟାଚାରୀ ଇଂରେଜ ଶାସନ ତଥା ରାଜାରାଜୁଡ଼ା ଶାସନର ଅବସାନ ଘଟିଲା । ରଘୁ-ଦିବାକରଙ୍କ ଜୀବନ ଓ ଆଦର୍ଶ ଆମ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ । ଏହା ଆମ ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ, ମା' ମାଟିର ସେବା ପାଇଁ ଶହୀଦ ରଘୁ-ଦିବାକର ଚିରସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀମତୀ ପାଢ଼ୀ ମତପ୍ରକାଶ କରିଥିଲେ।

ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ନୟାଗଡ଼ ଜିଲ୍ଲା ଖାଉଟି ଆୟୁକ୍ତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ସହି' ରଘୁ 'ବାକର ଥିଲେ ରଣପୁର ମାଟିର ସୁଯୋଗ୍ୟ ସନ୍ତାନ । ଦେଶମାତୃକା ପାଇଁ ପ୍ରଣାବଳୀ ଦେଇ ଦୁର୍ଲ୍ଲଭ ମଣିଷ ଜନ୍ମକୁ ସାର୍ଥକ କରିଛନ୍ତି । ଅତ୍ୟାଚାରୀ ରାଜତନ୍ତ୍ର ଶାସନରେ ରଣପୁରବାସୀଙ୍କର ସ୍ୱାଧୀନତା ଛଡାଇ ନିଆ ଯାଇଥିଲା । ନିଷ୍ପେସିତ ପ୍ରଜାମାନେ ହାହାକାର କରୁଥିବା ବେଳେ ରଘୁ-ଦିବାକର ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେମାନଙ୍କର ତ୍ୟାଗ, ବଳିଦାନ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମକୁ ଇନ୍ଧନ ଯୋଗାଇଥିଲା । ସେମାନଙ୍କର ସଂଗ୍ରାମର ଗାଥା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟବକ୍ତା କହିଥିଲେ ।

ସମ୍ମାନନୀୟ ଅତିଥି ଭାବେ ଖଣ୍ଡପଡ଼ାର ମାନ୍ୟବର ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ରଣପୁର ଆନ୍ଦୋଳନ ଏକ ଯୁଗାନ୍ତକାରୀ ଘଟଣା । ଏହି ମାଟିର ସୁଯୋଗ୍ୟ ସନ୍ତାନ ରଘୁ-ଦିବାକର ଇଂରେଜ ସରକାର ବିରୋଧରେ ଲଢି ଶହୀଦ ହୋଇଥିଲେ । ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଫାଶୀବରଣ କରିବାରେ ସେମାନେ ଥିଲେ ପ୍ରଥମ ଶହୀଦ। ତାଙ୍କ ଶ୍ରାଦ୍ଧ ଦିବସରେ ଆମେ ସମସ୍ତେ ରଘୁ-ଦିବାକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ସେମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ନୟାଗଡ଼ ଗବାଣୀକିଲୋ ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ସୌଦାମିନୀ ପାଇକରାୟ କହିଲେ ଯେ ରଣପୁରର ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ କରି ସହିଦ ହୋଇଥିଲେ ଦୁଇ ସଂଗ୍ରାମୀ ରଘୁ-ଦିବାକର ।

# ଖୋର୍ଦ୍ଧା ଜିଲ୍ଲା ସଦରମହକୁମାରେ ଐତିହ୍ୟ ଗଣଦୌଡ



**ଭୁବନେଶ୍ୱର, ୬।୪ (ମହାଭାରତ):** ଜିଲ୍ଲା ସଦର ମହକୁମା ଖୋର୍ଦ୍ଧା ଠାରେ ଓଡ଼ିଆ । ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଏକ ଐତିହ୍ୟ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଆର ଅସ୍ମିତା ତଥା ଓଡିଶାର ସଂସ୍କୃତି, ବୈଭବ, ପରମ୍ପରା, ବୀରତ୍ୱ ଏବଂ ବିକଶିତ ଓଡିଶାର ସ୍ୱପ୍ନକୁ ପୂରଣ କରିବାପାଇଁ ସମସ୍ତେ ଇତିହାସ ପାଇଁ ଦୌଡିବା ଏବଂ ଇତିହାସ କଥା ମନେ ପକାଇ ବିକଶିତ ଓଡିଶାର ବାସ୍ତବ ରୁପାୟନ ଦେବାକୁ ଆଜି ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବି ଡ଼ି ଓ କ୍ଷୀରାବ୍ଧି ତନୟା ସାହୁ ଗଣ ଦୌଡ଼ାକୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିଉମ ଠାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା କ୍ରୀଡା ଅଧିକାରୀ ଦିବସ ପାଳନର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ପ୍ରକାଶ କରିଥଲେ । ଗଣଦୌଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଟ୍ରାଫିକ ଛକରେ ବୁଲି ପୁନଃରାୟ ଷ୍ଟାଡ଼ିୟମ ରେ ପହଂଚି ଥିଲା । ସେଠାରେ ସମସ୍ତ ଅଂଶ ଗ୍ରହଣ କାରିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥଲା । ଗଣଦୌଡ ରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ପରିଚାଳନାରେ ସହଯୋଗ କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲାର କ୍ରୀଡାବିତ, ସହରର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ଛାତ୍ର ଏବଂସ୍ୱେଚ୍ଛାସେବୀ ଯୁବକ ମାନେ ଅଂଶ ଗ୍ରହଣ କରିଥିଲେ।

# ଏଲିସିୟମ୍ ଉଦ୍‌ଯାପିତ



**ଭୁବନେଶ୍ୱର, ୬।୪ (ମହାଭାରତ):** ଛାତ୍ରଛାତ୍ରୀମାନଙ୍କର ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ 'ଏଲିସିୟମ - ୨୦୨୫' ଗତ ବୁଧବାର ଉଦ୍‌ଯାପିତ ହୋଇଯାଇଛି ।

ସାହିତ୍ୟ, କଳା, ସଂଗୀତ, ନୃତ୍ୟ, ବ୍ୟବସାୟ ଏବଂ ଫ୍ୟାଶନ୍‌କୁ ନେଇ ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ଦକ୍ଷତା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ । 'ଏଲିସିୟମ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଏକ ମାଧ୍ୟମ ଯେଉଁଠାରେ ଛାତ୍ରଛାତ୍ରୀମାନେ ଦକ୍ଷତା ପ୍ରଦର୍ଶନ ନିମନ୍ତେ ସୁଯୋଗ ଲାଭ କରିଥାନ୍ତି ବୋଲି ଆଇଟିଇଆର୍‌ର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା କହିଥିଲେ ।

କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ (ଏଆଇସିଟିଇ)ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭିନ୍ନ ଢ଼ଙ୍ଗରେ ଚିନ୍ତା କରିବା ସହ ନିଜେ କିଛି କରି ଦେଖାଇବାର ପ୍ରଚେଷ୍ଟା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

କେବଳ ଡିଗ୍ରୀ ହାସଲ ଓ ଚାକିରି ପାଇଁ ପାଠ ପଢ଼ିବା ଉଚିତ୍ ନୁହେଁ । ଭିନ୍ନ ଢ଼ଙ୍ଗରେ ଉତ୍କର୍ଷତା ଦେଖାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।

ପ୍ରଫେସର ଆଚାର୍ଯ୍ୟ କହିଥିଲେ ଯେ ନିଯୁକ୍ତି ବଜାରର ସ୍ଥିତି ସୀମିତ ହୋଇଥିବା ବେଳେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଆଇଆଇ)ର ଆବିର୍ଭାବ ପରେ ଏହି ସ୍ଥିତି ଆହୁରି ଖରାପ ଦିଗକୁ ଗତି କରିପାରେ ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଂଟ କର୍ପୋରେସନ୍‌ର ରିଜିଓନାଲ୍ ମ୍ୟାନେଜର ଓ ମୁଖ୍ୟ ବିଜୟ କୁମାର ସାହୁ ଏବଂ ଅର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ମନୀଷା ଆଚାର୍ଯ୍ୟ ମଧ୍ୟ ବକ୍ତବ୍ୟ ରଖିଥିଲେ । ଉଭୟ ଛାତ୍ରଛାତ୍ରୀମାନଙ୍କୁ ଅଭିନବ ଉପାୟ ଅବଲମ୍ବନ କରିବା ସହ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଉପସ୍ଥିତ ଥିଲେ ।

ମୋଟ ୭୦ଟି ପ୍ରତିଯୋଗିତା ମଧ୍ୟରୁ ୪୦ଟି ବୈଷୟିକ ଏବଂ ୩୦ଟି ସାଂସ୍କୃତିକଭିତିକ ରହିଥିଲା । ଏତଦ୍ ବ୍ୟତୀତ ୩୨ ଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇଟିଇଆର ରୋବୋଟିକ୍ସ କ୍ଲବ, ସୋଆ ରାଡି କ୍ଲବ୍, କୋଡେକ୍ସ, ସୃଷ୍ଟି, ସୋଆ ଫ୍ଲାଇଙ୍ଗ କମ୍ୟୁନିଟି, ଜିଡିଜି, ଭଗ୍- ସୋଆ ଫ୍ୟାଶନ କ୍ଲବ, ସୋଆ ଲିଟେରାରୀ କ୍ଲବ୍, ଟନିଲଷ୍ଟ୍‌କ୍-ଦ ଷ୍ଟେଜ୍ ପିସ୍, ସୋଆ ମ୍ୟୁଜିକ୍ କ୍ଲବ, କୋଡିଙ୍ଗ୍ ନିସ୍, ଇନୋଭେସନ୍ ଆଣ୍ଡ ଏନ୍‌ଟ୍ରପ୍ରିନିୟରସିପ୍ ସେଲ୍, ଡା, ଭର୍ଚୁଆଲ୍ ସୋରିଲ୍, ସୋଆ ଫଟୋଗ୍ରାଫି କ୍ଲବ୍, ଓଡା ଏବଂ ସୋଆ ଫିଟ୍‌ନେସ୍ କ୍ଲବ ଅଂଶ ଗ୍ରହଣ କରିଥିଲେ । ସେହିପରି ଏହି ସମାରୋହରେ ଫୁଟ୍‌ସାଲ, କ୍ରିକେଟ, ଭଲିବଲ୍, ବାସ୍କେଟବଲ, କବାଡି, ବ୍ୟାଡମିଂଟନ୍ ଏବଂ ଖୋ ଖୋ ଭଳି କ୍ରୀଡ଼ାର ମଧ୍ୟ ଆୟୋଜନ କରାଯାଇଥିଲା ।

# ରିଂ ରୋଡ଼ ପ୍ରକଳ୍ପ ଜଣାଶୁଣାଣି

**ଭୁବନେଶ୍ୱର, ୬।୪ (ମହାଭାରତ):** ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ହାବେଳୀ ପଡିଆ । ଠାରେ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ଅଧୀନ ୬-ଲେନ ଓଡିଶା ରାଜଧାନୀ ଅଞ୍ଚଳ ରିଂ ରୋଡ଼ କଟକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲା ମଧ୍ୟଦେଇ (ସି ଆର ଆର ଆର ଆର -୧)ରାମେଶ୍ୱର ଜାତୀୟ ରାଜପଥ -୧୬ରୁ ଗୋବିନ୍ଦପୁର ଜାତୀୟ ରାଜପଥ-୫୫ପର୍ଯ୍ୟନ୍ତ ପ୍ରାୟ ୭୦.୯୯୫ କି. ମି ଖୋର୍ଦ୍ଧା ଜିଲ୍ଲା ମଧ୍ୟ ଦେଇ ଯାଉଥିବା ଜାତୀୟ ସଡକ ପଥ ପ୍ରକଳ୍ପର ଜଣାଶୁଣାଣି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ପ୍ରକଳ୍ପରେ ପରିବେଶକୁ ପ୍ରଭାବିତ କରୁଥିବା ବିଷୟ ଗୁଡିକଉପରେ ଆସିଥିବା ଅଭିଯୋଗ ଗୁଡିକ ଉପରେ ଜଣ ଶୁଣାଣି କରାଯାଇଥିଲା । ଅଭିଯୋଗ ଶିବିରରେ ଉପଜିଲ୍ଲାପାଳ ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା, ତହସିଲଦାର, ଖୋର୍ଦ୍ଧା ନିବେଦିତା ପରିଡା, ତହସିଲଦାର ଟାଙ୍ଗୀ, ମିତାଲି ପାତ୍ର, ତହସିଲଦାର, ବେଗୁନିଆ । ବିଜୟ କୁମାର ସେଠୀ , ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ କର୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ସୌମେନ୍ଦ୍ର ମହାନ୍ତି, ପରିଚାଳକ, ରାଜୀବ କୁମାର, ପରାମର୍ଶଦାତା, ଉମାକାନ୍ତ ପାଣି ପ୍ରମୁଖ ଯୋଗଦେଇ ଜନ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରରେ ସମ୍ପୃକ୍ତ ଅଂଚଳର ସରପଞ୍ଚ, ଜନପ୍ରତିନିଧି ସମେତ ୧୫୦ ଗ୍ରାମବାସୀ ଯୋଗଦେଇ ପରିବେଶକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆପତ୍ତି ଆଣିଥିଲେ । ପ୍ରକଳ୍ପ ନିର୍ମାଣରେ କେତେ ବୃକ୍ଷ କଟାଯିବ, କେତେ ପ୍ରାକୃତିକ ଜଳ ଉତ୍ସ ପ୍ରଭାବିତ ହେବ ସେ ସମ୍ପର୍କରେ ଅବଗତ କରାଇବାସହ ଏହାର ସମାଧାନ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପଶୁ ପକ୍ଷୀ ମାନଙ୍କ ବାସସ୍ଥଳୀ ନିମନ୍ତେ ଜଙ୍ଗଲ ସୃଷ୍ଟି, ହାତୀ ରହଣି ଏବଂ ସେମାନଙ୍କ ଯିବା ଆସିବା ରାସ୍ତା (ପ୍ୟାସେଜ ), ପ୍ରକଳ୍ପ ନିର୍ମାଣ ସମୟରେ ଆଧୁନିକ ପଦ୍ଧତିରେ ବାୟୁ ପ୍ରଦ୍ୟୁଷଣ, ଜଳ ପ୍ରଦ୍ୟୁଷଣ ରୋକିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଆପତ୍ତିକାରିଙ୍କୁ ବୁଝାଇଥିଲେ । ସର୍ବୋପରି ପରିବେଶ ଉପରେ ଯେଭଳି କୌଣସି କ୍ଷତିକାରକ ପ୍ରଭାବ ନ ପଡେ ସେଥିପ୍ରତି ରାଜ୍ୟସରକାର, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ସମସ୍ତ ପ୍ରକାର ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଥିଲେ ।

# ରକ୍ତଦାନ ଶିବିର

**ଭୁବନେଶ୍ୱର, ୬।୪ (ମହାଭାରତ):** ସର୍ବଦା ରକ୍ତଦାନ ପ୍ରତି ଆଗଭର ଥିବା ଯୁବ ସମାଜସେବୀ ତଥା ଫିନିକ୍ସ ସେବା ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷ ମଲ୍ଲିକ ଅୱେସ୍‌ଙ୍କ ଜନ୍ମଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରି ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ଯେଉଁଭଳି ଭାବେ ବୃଦ୍ଧି ପାଉଛି, ସେହି ପରିମାଣରେ ରକ୍ତ ମହଜୁଦ୍ ନଥିବାରୁ ଅନେକ ଥାଲେସେମିଆ ରୋଗୀ ମୃତ୍ୟୁବରଣ କରୁଛନ୍ତି । ଏହାକୁ ହୃଦୟଙ୍ଗମ କରି ଶ୍ରୀଯୁକ୍ତ ମଲ୍ଲିକ ଉକ୍ତ ରକ୍ତଦାନ ଶିବିରଟି ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ. ପ୍ରଦୀପ ମହାରଣା ଓ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ ଯୋଗ ଦେଇ ଶ୍ରୀଯୁକ୍ତ ମଲ୍ଲିକଙ୍କର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହ ରକ୍ତଦାନ ଜୀବନଦାନ, ରକ୍ତର ଅଭାବରୁ କାହାରିକୁ ମରିବାକୁ ଦେବାନାହିଁ, ରକ୍ତଦାନ ମହାପୁଣ୍ୟ ଆଦି ବାର୍ତ୍ତାର ପ୍ରଚାର ଓ ପ୍ରସାର ମାତ୍ରାଧିକ ହେଲେ ସମାଜର ଅନେକ ସ୍ୱେଚ୍ଛାକୃତ ହେଲେ ରକ୍ତଦାନ କରିବାକୁ ଆଗେଇ ଆସିବେ ବୋଲି ମତବ୍ୟକ୍ତ କରିଥିଲେ। ଆଶୁତୋଷ ପରିଡ଼ା, ସେକ୍ ରହେମାନ୍, ଗଣେଶ ଚନ୍ଦ୍ର ପାତ୍ର, ହରି ପ୍ରସାଦ ପ୍ରଧାନ, ବିଶ୍ୱନାଥ ପାତ୍ର, ମଲ୍ଲିକ ଅୱେସ୍ ପ୍ରମୁଖ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହରିଶଚନ୍ଦ୍ର ପଟ୍ଟନାୟକ, ସୁଜିତ୍ ନାୟକ, ପ୍ରୀତମ ମିଶ୍ର, ସିଲୁ ସାହୁ, ବିନୋଦ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ରାଜଧାନୀ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୬।୪ (ମହାଭାରତ):** ଆସନ୍ତା ୧୩ ଓ ୧୪ ତାରିଖରେ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ । ଏଥିନିମନ୍ତେ ପୂର୍ବରୁ ସରକାରଙ୍କ ପକ୍ଷରୁ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହାକୁ ମହା ଆଡ଼ମ୍ବରରେ ପାଳନ କରିବା ସହ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ୟାରେଡ ଓ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି ।

ବୈଠକ ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଉଚ୍ଚ ସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥିଲେ । ଏହାକୁ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ଆଜିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କ୍ୟାପିଟାଲ୍ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଛି ।



ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କେବଳ ବିଭିନ୍ନ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ୟାରେଡ୍ ଅନୁଷ୍ଠିତ ହେବ । ପ୍ୟାରେଡ୍ ବ୍ୟାଣ୍ଡ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଏଥିରେ ଯୋଗଦେଇ ପାରିବେ । ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ 'ଆମ ରାଜଧାନୀ' ପ୍ରସଙ୍ଗ ଉପରେ ନାଚ ଓ ଗୀତକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବା ସହ ଉକ୍ତ ଦୁଇଦିନ ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ସଭା କାର୍ଯ୍ୟ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ଆଇନଶୃଙ୍ଖଳା, ପାନୀୟ ଜଳ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ୱ୍ୟତୀତ ସମସ୍ତ ସରକାରୀ ଓ ବେସରକାରୀ, ବାଣିଜ୍ୟକ ପ୍ରତିଷ୍ଠାନ କୋଠା ଗୁଡ଼ିକର ଆଲୋକୀକରଣ ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପୂର୍ବରୁ ଉକ୍ତ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ଆୟୋଜନ କମିଟିର ଅଧ୍ୟକ୍ଷ ଶ୍ରୀ ପ୍ରଦୋଷ ପଟ୍ଟନାୟକ ଏହି ଦିବସ ପାଳନ ସଂପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଆସିଷ୍ଟାଣ୍ଟ କମିଶନର କେ. ଗଣେଶ, ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ବେହେରା, ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ସାନ୍ଧ୍ୟରାଣୀ ରାଉତ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅନୁପମା ମଙ୍ଗରାଜ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ଉପାଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ସନତ ମିଶ୍ର, ଶିକ୍ଷକଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ମେ-୨୦ରେ ଏଆଇଟିୟୁସିର ଦେଶବ୍ୟାପି ଧର୍ମଘଟ ଡ଼ାକରା

**ଭୁବନେଶ୍ୱର, ୬।୪ (ମହାଭାରତ):** ଦେଶର ସର୍ବପ୍ରଥମ ଟ୍ରେଡ଼ୟୁନିୟନ ସଂଗଠନ ଏଆଇଟିୟୁସିର ରାଜ୍ୟ ପରିଷଦ ବୈଠକ ଭଗବତି ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସଭାପତି ଅଶୋକ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଗତ ରାଜ୍ୟ ପରିଷଦ ବୈଠକ ଠାରୁ ଇତି ମଧ୍ୟରେ ବିଶ୍ୱ ଶ୍ରମିକ ଶ୍ରେଣୀ ଦେଶ ଏବଂ ରାଜ୍ୟର ଶ୍ରମିକ ଶ୍ରେଣୀ ଉପରେ ସାମ୍ରାଜ୍ୟବାଦୀ ଶାସକ ଗୋଷ୍ଠୀ ଓ ଏକଚାଟିଆ ପୁଁଜି ଆକ୍ରମଣ ସଂପର୍କରେ ସୂଚନା ଦେବା ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ତଥାକଥିତ ବନ୍ଧୁ ଡୋନାଲ୍ଡ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାରେ ଦ୍ୱିତୀୟବାର କ୍ଷମତାସୀନ ହେବା ପରେ ଭାରତ ଭଳି ଦେଶର ଶିଳ୍ପ ଉତ୍ପାଦନର




ରପ୍ତାନୀ ଓ ଆମଦାନୀ ଉପରେ ଟାରିଫ ବୋଝ ଭାରତର ଶିଳ୍ପ ଉତ୍ପାଦନ ଉପରେ ନଗ୍ନ ଆକ୍ରମଣ ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ୨୦୧୪ ମସିହା ଠାରୁ ବିଜେପି ସରକାର କ୍ଷମତାରେ ବସିବା ଦିନଠୁ ଶ୍ରମିକ ଶ୍ରେଣୀର ହକ୍ ଏବଂ ଅଧିକାର ଉପରେ ନଗ୍ନ ଆକ୍ରମଣ ଚଳାଇଆସିଥିବାବେଳେ ଏହି ଅଧିକାରକୁ ଖର୍ବ କରି ମଧ୍ୟ ଯୁଗୀୟ କ୍ରିତଦାସ ପ୍ରଥାର ପୁନଃପ୍ରଚଳନ ଦିଗରେ ସ୍ୱାଧୀନତା ପୂର୍ବରୁ ଏବଂ ପରେ ପ୍ରଣିତ ସମସ୍ତ ଶ୍ରମ ଆଇନକୁ ରଦ୍ଦ କରି ଶ୍ରମିକ ଶୋଷଣ ଏବଂ କର୍ପୋରେଟ ତୋଷଣ ପାଇଁ ୪ଟି ଶ୍ରମ କୋର୍ଡ ଲାଗୁ କରିବା ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଆହୁତ ୨୦ମେ ଦେଶବ୍ୟାପୀ ମିଳିତ ସାଧାରଣ ଧର୍ମଘଟର ସଫଳତା ପାଇଁ ସମସ୍ତ କ୍ଷେତ୍ରର ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ଭାବେ ସାମିଲ ହେବା ସହ ସରକାରଙ୍କୁ ଶ୍ରମ କୋର୍ଡ ବାତିଲ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଦେଶର ଶ୍ରମଜୀବି ଜନଗଣ ସମ୍ମାନର ସହ ଚଳଣି ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି, ଦେଶରେ ବିଭିନ୍ନ ସ୍କିମ୍ ୱାର୍କର କାର୍ଯ୍ୟକୁ ସର୍ବନିମ୍ନ ମଜୁରୀ ଆଇନର ଅନୁସୂଚିତ ଶ୍ରମ ତାଲିକା ମଧ୍ୟରେ ଘୋଷଣା ଦାବିରେ ୫ ମେ ଦେଶବ୍ୟାପୀ ଶ୍ରମ କାର୍ଯ୍ୟାଳୟ ଘେରାଉ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଓଡ଼ିଶାରେ ବିଜେପିର ୧୦ମାସର ଡବଲ ଇଜିନ ସରକାର ଗତ ୨୦୦୨ ମସିହାରୁ ଇ.ସି କାର୍ଯ୍ୟ କରିଆସୁଥିବା ମିଶନ ଶକ୍ତିର ଏକ ଲକ୍ଷ ଅଣଷଠି ହଜାର ରୁ ଅଧିକ କର୍ମଜୀବି ମହିଳାଙ୍କୁ ପୁନର୍ଗଠନ ଆଳରେ କାମରୁ ହଟାଇବା, ଶିକ୍ଷକ ଅଥବା ଶିକ୍ଷାର କୌଣସି ହିତାଧିକାରୀଙ୍କ ସହ ଚର୍ଚ୍ଚା ନକରି ବିଦ୍ୟାଳୟରେ ସାମିଲ କରାଇବା ଘଟଣା ଆଇସିଡ଼ିଏସ୍‌ର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରାଇଛି ।

# ବିଦ୍ୟୁତ୍ ଆଘାତରେ ୫ ବର୍ଷରେ ୨୭ ହାତୀ ମୃତ

**ଭୁବନେଶ୍ୱର,୬।୪ (ମହାଭାରତ):** ବିଦ୍ୟୁତ୍ ଆଘାତରେ ଯାଉଛି ହାତୀ ଜୀବନ । ଏହି ଚିନ୍ତାଜନକ ପ୍ରସଙ୍ଗ ବୁଧବାର ଦିନ ବିଧାନସଭାରେ ଉପସ୍ଥାପିତ ହୋଇଛି । ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓ ଏକ ପ୍ରଶ୍ନର ଉତ୍ତରରେ ସୂଚନା ପ୍ରଦାନ କରିଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨୭ ହାତୀ ପ୍ରାଣ ହରାଇଛନ୍ତି । ପଶ୍ଚିମ ଓଡ଼ିଶାରେ ସର୍ବାଧିକ ହାତୀଙ୍କର ମୃତ୍ୟୁ ଘଟିଛି । କେବଳ ଏହି ଅଞ୍ଚଳରେ ବିଦ୍ୟୁ ଆଘାତରେ ୧୭ ହାତୀଙ୍କ ମୃତ୍ୟୁ ହୋଇଛି । ସରକାରୀ ରିପୋର୍ଟ ଅନୁଯାୟୀ ୨୦୨୪-୨୫ ବର୍ଷରେ ସର୍ବାଧିକ ହାତୀଙ୍କ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ ୧୧ ହାତୀଙ୍କ ଜୀବନ ଗଲାଣି । ବିଦ୍ୟୁତ ଆଘାତ ଯୋଗୁଁ ୨୦୨୩-୨୪ରେ ଦୁଇଟି ହାତୀଙ୍କ ମୃତ୍ୟୁ ରେକର୍ଡ କରାଯାଇଥିଲା । ୨୦୨୧-୨୨ରେ ମଧ୍ୟ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା । ୨୦୨୦-୨୧ରେ ଗୋଟିଏ ଘଟଣା ରେକର୍ଡ କରାଯାଇଥିଲା ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି

**ଭୁବନେଶ୍ୱର,୬।୪ (ମହାଭାରତ):** ଚଳିତ ବର୍ଷ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଛନ୍ତି ସରକାର । ରାଜ୍ୟରେ ଧାନ କିଣା ନେଇ ଆଜି ଗୃହରେ ଏହି ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଗତ ବର୍ଷ ଅପେକ୍ଷା ୨୬ ଲକ୍ଷ ମେଟ୍ରିକ୍ ଧାନ ଅଧିକା କିଣାହୋଇଛି । ପ୍ରତ୍ୟେକ ବର୍ଷ ୧୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏଫସିଏ ନିଏ । ହେଲେ ଏଥର ଅଧିକ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ନେବାକୁ ରାଜି ହୋଇଛନ୍ତି । ଚଳିତ ବର୍ଷ ମୋଟ ୪୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏଫସିଏ ନେବ । ତାପରେ ବି ୧୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହୁଛି । ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରଖିବାକୁ ଗୋଦାମ କରୁଛୁ । ବଳକା ଚାଉଳକୁ ମଧ୍ୟ ଫ୍ରି ସେଲ୍ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି ବିଧାନସଭାରେ କହିଛନ୍ତି ମନ୍ତ୍ରୀ ।

ଏଥିସହିତ ରାଜ୍ୟରେ ଗହମ ଓ ଗହମ ଜାତୀୟ ଦ୍ରବ୍ୟର ବାର୍ଷିକ ଆବଶ୍ୟକତା ୮ ଲକ୍ଷ ୮୬ ହଜାର ମେଟ୍ରିକ ଟନ ରହିଛି । ଓଡ଼ିଆ । ବ୍ୟବସାୟୀମାନେ ଗହମ ଓ ଗହମ ଜାତୀୟ ଦ୍ରବ୍ୟର ବିକ୍ରୟ କରୁଛନ୍ତି । ଏଥିସହ ପଞ୍ଜାବ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ଝାଡ଼ଖଣ୍ଡରୁ ଗହମ ଓ ଗହମ ଜାତୀୟ ଦ୍ରବ୍ୟ ଆମଦାନୀ କରି ଆବଶ୍ୟକତା ପୂରଣ କରାଯାଉଛି । କେନ୍ଦ୍ର ସରକାର ଗହମର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୫୦ ଟଙ୍କା କରିଛନ୍ତି । ଯେଉଁଥିପାଇଁ ଖୋଲା ବଜାରରେ ଦର ସାମାନ୍ୟ ବୃଦ୍ଧି ପାଇଛି । କଳାବଜାରୀ ରୋକିବା ପାଇଁ ଉଭୟ ଓ କେନ୍ଦ୍ର ସରକାରଙ୍କ ଏନଫୋର୍ସମେଣ୍ଟ ଟିମ ଯାଞ୍ଚ କରୁଛନ୍ତି । ଜାନୁଆରୀ ଶେଷ ସୁଦ୍ଧା ୪୪ ମିଲ ଉପରେ ଯାଞ୍ଚ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଟିକସ ଆଦାୟ

ଆମଦନୀ ଓ ରପ୍ତାନୀ ଉପରୁ ମଧ୍ୟ ଟିକସ ଆଦାୟ ହେଉଛି। ଜିଏସଟି ବ୍ୟବସ୍ଥା ପୂର୍ବରୁ ଦେଶରେ ବିଭିନ୍ନ ପ୍ରକାର ଟିକସ ଆଦାୟ ହେଉଥିଲା। ଟିକସ ବ୍ୟବସ୍ଥା ଜଟିଳ ଥିବାରୁ ଠକେଇ ଅଧିକ ହେଉଥିଲା। ଜିଏସଟି ଲାଗୁ ହେବା ପରେ ଏହା ସରଳ ହୋଇଛି, ଟିକସ ଫାଙ୍କି କମିଛି, ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଛି ସତ, ମାତ୍ର ସାଧାରଣ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ ହୋଇପଡ଼ିଛି। ବରଂ ଜିଏସଟି ସାଧାରଣ ଗରୀବ ଲୋକଙ୍କ ପାଇଁ ଏକପ୍ରକାର ବୋଝ ହୋଇପଡ଼ିଛି। ଟିକସ ବ୍ୟବସ୍ଥାରେ ସଂସ୍କାର ଲାଗି ୨୦୧୭ରେ କେନ୍ଦ୍ର ସରକାର ଦେଶରେ ଜିଏସଟି ଲାଗୁ କଲେ। ୨୦୧୭ ଜୁଲାଇ ପହିଲାରୁ ସାରା ଦେଶରେ ଏହା କାର୍ଯ୍ୟକାରୀ ହେଲା। ସ୍ୱାଧୀନତା ପରେ ଦେଶରେ ଟିକସ ବ୍ୟବସ୍ଥାରେ ଏହା ଥିଲା ସବୁଠାରୁ ବଡ଼ ସଂସ୍କାରମୂଳକ ପଦକ୍ଷେପ। ଦେଶର ଅଧିକାଂଶ ସାମଗ୍ରୀ ଓ ସେବା ଜିଏସଟି ପରିସରଭୁକ୍ତ ହେଲା। ଉଦ୍ଦେଶ୍ୟ ଥିଲା ଟିକସ ବ୍ୟବସ୍ଥାକୁ ସରଳ କରିବା ଏବଂ ସାରା ଦେଶରେ ସମସ୍ତ ପ୍ରକାର ସାମଗ୍ରୀ ଓ ସେବା ଉପରେ ସମାନ ଟିକସ ଆଦାୟ କରିବା। ଏହା ଦ୍ୱାରା ସବୁ ସାମଗ୍ରୀର ଦର ଦେଶରେ ସମାନ ରହିବ। କିନ୍ତୁ ପେଟ୍ରୋଲ ଓ ଡିଜେଲ ଏବଂ ରନ୍ଧନ ଗ୍ୟାସକୁ ଜିଏସଟି ପରିସରଭୁକ୍ତ କରାଗଲା ନାହିଁ। ରାଜ୍ୟମାନେ ଏହାକୁ ବିରୋଧ କଲେ। ପେଟ୍ରୋଲ ଓ ଡିଜେଲ ଉପରେ ଏବେ ବି ଭାଟ ଆଦାୟ ହେଉଛି ଏବଂ ବିଭିନ୍ନ ରାଜ୍ୟରେ ଏହାର ଦରରେ ପାର୍ଥକ୍ୟ ରହିଛି। ରାଜ୍ୟମାନଙ୍କର ରାଜସ୍ୱ ସଂଗ୍ରହର ଏହା ଏକ ପ୍ରମୁଖ ଉତ୍ସ। ତେଣୁ ସେମାନେ ଏହାକୁ ଜିଏସଟି ପରିସରଭୁକ୍ତ କରିବା ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଫଳରେ ଜିଏସଟି ଲାଗୁ ହେବାର ପାଇଦା ଲୋକଙ୍କୁ ମିଳିଲାନି। ବରଂ ଲୋକଙ୍କ ଉପରେ ଜିଏସଟି ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। କେବଳ ଯୁଦ୍ଧ ଯୋଗୁ ନୁହେଁ, ଅଦିନିଆ ବର୍ଷା ବା ଅସ୍ୱାଭାବିକ ପାଣିପାଗ ଯୋଗୁ ମଧ୍ୟ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଆମେ ଆଗୁଆ ପ୍ରସ୍ତୁତ ହୋଇନଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦେଶରେ ପ୍ରତିବର୍ଷ କୃଷି ଉତ୍ପାଦନ ବଢୁଛି। ଅଧିକାଂଶ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ନିଜର ଚାହିଦାକୁ ମେଣ୍ଟାଇ ଆମେ ବିଦେଶକୁ ପ୍ରଚୁର ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛୁ ଏବଂ ଏହା ମାଧ୍ୟମରେ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରି ଏଥିରେ ବିଦେଶରୁ ଅନ୍ୟ ସାମଗ୍ରୀ ଆମଦାନୀ କରିପାରୁଛୁ। ଗୋଟିଏ ବାକ୍ୟରେ କହିଲେ ଭାରତର ଅର୍ଥନୀତି ଅନେକାଂଶରେ କୃଷି ବିକାଶ ଉପରେ ନିର୍ଭରକରୁଛି। ଏହା ହିଁ ଆମ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମେରୁଦଣ୍ଡ। ଏଥିପାଇଁ କରୋନା ମହାମାରୀ ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ଦୋହଲିଯାଇନି କିମ୍ବା ଲୋକେ ଖାଇବାକୁ ନପାଇ ଭୋକରେ ଛଟପଟ ହୋଇନାହାଁନ୍ତି। ଦୁଇ ବର୍ଷ ହେଲା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି। ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି। ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସତ୍ତ୍ୱେ ଦେଶର ଅତି ଉତ୍କଟ ଦାରୀଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି।

# ଆମ "ହାତୀ" କଥା

**॥ ରମେଶ ଚନ୍ଦ୍ର ସ୍ୱାଇଁ ॥**

*ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ।*

ପ୍ରାୟ ଶତାଧିକ ଝାଡ଼ଖଣ୍ଡ ହାତୀ ଓଡ଼ିଶାକୁ ଆସି ଉତ୍ପାତ କରିଥାନ୍ତି। ହାତୀ ମଣିଷ ଲଢ଼େଇ ମଧ୍ୟରୁ ୬୦ ପ୍ରତିଶତ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ମାରଣା ହାତୀ ହିଁ ମଣିଷକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଉଛି। ଢେଙ୍କାନାଳ, ଅନୁଗୋଳ, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ଏହିଭଳି ଘଟଣା ଶତାଧିକ ଘଟୁଛି। ସେଇଭଳି ଟ୍ରେନ୍‌ରେ କଟି ଓ ବିଦ୍ୟୁତ ଆଘାତରେ ମଧ ହାତୀଙ୍କ ମୃତ୍ୟୁ ହୋଇଥାଏ। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀ ଝାଟିମାଟି ଘରେ ପଶିବା ଓ ଘର ଭାଙ୍ଗିବା ଦ୍ୱାରା ୨୫ ପ୍ରତିଶତ ଜନତାଙ୍କ ମୃତ୍ୟୁ ହେଉଥିବା ଜଣାଯାଏ। ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୮୨ଟି ହାତୀଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗରେ ପିଡ଼ିତ ହୋଇ ୧୦୧ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତ ଯୋଗୁ ୪୩ଟି, ଶୀକାରୀ ମାନଙ୍କ ଦ୍ୱାରା ୭ଟି, ରାସ୍ତା ଦୁର୍ଘଟଣାରେ ୪ଟି, ପାହାଡ଼ରୁ ଖସି ନଦୀରେ ବୁଡ଼ି ନିଜ ନିଜ ମଧ୍ୟରେ କଳହ କରି ୫୯ଟି ହାତୀ ଓ ବିଭିନ୍ନ କାରଣରୁ ୩୪ଟି ହାତୀଙ୍କର ମୃତ୍ୟୁ ଘଟିଛି। ୨୦୧୮ରେ ୯୩ଟି, ୨୦୧୯ରେ ୮୨ଟି, ୨୦୨୦ରେ ୭୭ଟି ଓ ୨୦୨୧ ଅଗଷ୍ଟ ମାସ ସୁଦ୍ଧା ୩୩ଟି ହାତୀଙ୍କର ମୃତୁ ଘଟିଛି। ରାଜ୍ୟରେ ୨୦୧୨ରେ ୧୯୩୦ଟି ହାତୀ ଥିବାବେଳେ ୨୦୧୫ରେ ୧୯୫୪ଟି ଓ ୨୦୧୭ରେ ୧୯୭୬ଟି ହାତୀ ଥିବାର ଜଣାପଡ଼ିଛି।

ବହୁ ପ୍ରାଚୀନ କାଳରୁ ଭାରତ ହାତୀଦାନ୍ତ ତିଆରି ସୁନ୍ଦର ସୁନ୍ଦର ଜିନିଷ ଗୁଡ଼ିକ ନିମନ୍ତେ ବିଖ୍ୟାତ। ଏହାଛଡ଼ା ଇଟାଲି ଓ ଆଫଗାନସ୍ଥାନ ମଧ ହାତୀର ଦାନ୍ତରେ ବିଭିନ୍ନ ଜିନିଷ ତିଆରି କରିପାରୁଥିଲେ। ଥରେ ଜଣେ ଭାରତୀୟ ହାତୀ ଦାନ୍ତ କାରିଗର ମୁସଲିମ୍ ଦେଶର ଜଣେ କଳାକାରଙ୍କ ଘରକୁ ଗଲେ। ସେ ମୁସଲିମ୍ କଳାକାରଙ୍କ ସ୍ତ୍ରୀଙ୍କୁ ହାତୀଦାନ୍ତ ନିର୍ମିତ ମୁଠାଏ ଚାଉଳ ଦେଲେ। କଳାକାରଙ୍କ ସ୍ତ୍ରୀ ତାକୁ ପ୍ରକୃତ ଚାଉଳ ଭାବି ରାନ୍ଧିବା ନିମନ୍ତେ ଚେଷ୍ଟାକଲେ। ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଥା। ହାତୀ ଦାନ୍ତ କାରିଗରୀର ବର୍ଣ୍ଣନା ରାମାୟଣ ଓ ମହାଭାରତରେ ଦେଖିବାକୁ ମିଳେ। ରାମାୟଣରେ ପଲଙ୍କ ଓ ରଥର କେତେକ ଅଂଶ ହାତୀ ଦାନ୍ତରେ ନିର୍ମିତ ହେବା ଓ ମହାଭାରତରେ ତରକାରୀ ବେଣ୍ଟ ହାତୀ ଦାନ୍ତରେ ନିର୍ମିତ ହୋଇଥିବା ବିଷୟ ଉଲ୍ଲେଖ କରାଯାଇଛି। ସପ୍ତଦଶ ଶତାବ୍ଦୀରେ ୟୁରୋପୀୟମାନେ ଭାରତ ଆସିବା ପରେ ଭାରତୀୟ କଳା ଉପରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିଲା। ୟୁରୋପୀୟମାନଙ୍କର ରୁଚି ଅନୁଯାୟୀ ବିଲିୟାର୍ଡ ପେଣ୍ଟୁ, କାଗଜ କାଟିବାର ଛୁରୀ, ସାର୍ଟ ବଟମ ସବୁ ହାତୀ ଦାନ୍ତରେ ନିର୍ମିତ ହେଲା। ଗୋଆରୁ ମିଳିଥିବା ଯୀଶୁଖ୍ରୀଷ୍ଟଙ୍କର ହାତୀଦାନ୍ତ ନିର୍ମିତ ମୂର୍ତ୍ତି ଭାରତୀୟ ତଥା ପର୍ତ୍ତୁଗାଲ କଳାର ସୁନ୍ଦର ସମନ୍ୱୟତାର ପ୍ରମାଣ କରେ। ହାତୀର ବିରାଟକାୟ ମୋଟା ନଖ ଗୁଡ଼ିକରେ ଛୁରୀ, ବେଣ୍ଟ, ବୋତାମ, ଚାମଚ ଓ ପ୍ଲେଟ୍ ପ୍ରସ୍ତୁତ ହେଉଥିଲାବେଳେ ହାତୀ ଲାଞ୍ଜର ବାଳରେ ଚୂଡ଼ି, ହାର, ଖଡ୍ଡୁ ଆଦି ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରସ୍ତୁତ ହୋଇଥାଏ। କେରଳରେ ହାତୀ ଦାନ୍ତର ଅଳଙ୍କାର ପିନ୍ଧିଲେ କେରଳବାସୀମାନେ ଶୁଭ ବୋଲି ମାନିଥାନ୍ତି।

ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ। ପ୍ରଥମେ ସେମାନଙ୍କୁ ଉଠିବା, ବସିବା, ଶୀଘ୍ର ଶୀଘ୍ର ଚାଲିବା ଏବଂ କହିବା ମୁତାବକ ଅଟକିଯିବା, ମୁଣ୍ଡ ତଳକୁ କରିବା, କାଠଗଣ୍ଡିକୁ ଏକାଠି କରି ରଖିବା, ଜୀପ୍, ଟ୍ରକ, ବନ୍ଧୁକ, ବାଘ ଏବଂ ଚିତାବାଘ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସ୍ୱର ସଂପର୍କରେ ହାତୀକୁ ଅବଗତ କରି ଦିଆଯାଏ। ହାତୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରହିବାକୁ ପଡ଼ିଥାଏ।

କଥାରେ କହନ୍ତି "ହାତିକୁ ପୁଣି ହୋମିଓପାଥି"। ଅର୍ଥାତ୍, ହାତୀ ଭଳି ବିଶାଳ ଜନ୍ତୁକୁ ଏତେ ଛୋଟ ଔଷଧ କ'ଣ କାମ ଦେବ? ଏତେ ହାତୀଙ୍କ ପାଇଁ ବଟିକା କଥା କହିବାବେଳେ ଆପଣମାନେ ଆଶ୍ଚର୍ଯ୍ୟ ହେବେଣି। ହାତୀ ପାଇଁ ପୁଣି ବଟିକା କି କାମ ଦେବ?

ହାତୀ ପାଇଁ ଥାଇଲାଣ୍ଡରେ ଏକ ବଟିକା ବାହାରିଛି। ଏହି ବଟିକା ବେଶ ବଡ଼ ଏବଂ ଏହାର ଓଜନ ପ୍ରାୟ ୫୦୦ ଗ୍ରାମ। ଏହି ବଟିକାଟିକୁ ଥାଇଲାଣ୍ଡ ସରକାର ହାତୀମାନଙ୍କ ପାଇଁ ପ୍ରଚଳନ କରିଛନ୍ତି। ହାତୀମାନେ ଆଉ ଜଙ୍ଗଲରେ ଚରି ଗଛ ବୃକ୍ଷ ନଷ୍ଟ କରିପାରିବେ ନାହିଁ। ପରିବେଶର ସୁରକ୍ଷା ଓ ଜଙ୍ଗଲ ବଞ୍ଚାଅ ଅଭିଯାନ ସ୍ୱରୂପ ଏହି ପଦକ୍ଷେପ ସେଠାରେ ନିଆଯାଇଛି। ଏହି ଅଭିନବ ବଟିକା ଆଖୁ ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ଏବଂ ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ସାର ବା ଭିଟାମିନ୍ ରହିଛି। କୌଣସି ବିବଦମାନ ପରିସ୍ଥିତିରେ ମଣିଷ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଘଟଣାରେ ବିଶେଷ କିଛି ନୂତନତା ନାହିଁ। କିନ୍ତୁ କୋର୍ଟ ଆଦେଶ ପାଇ ହାତୀଟିଏ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବା ନିଶ୍ଚିତ ଭାବେ ଏକ ବିସ୍ମୟକର ତଥା କୌତୁହଳପ୍ରଦ କଥା। ଏହିଭଳି ଏକ ବିବାଦମାନ ପରିସ୍ଥିତିରେ "ନାରାୟଣ" ନାମକ ଏକ ହାତୀ, ଗତ କିଛିଦିନ ତଳେ କେରଳର କୋଟାୟାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅପରାଧୀ ଭାବରେ ଠିଆ ହୋଇ ଏକ ବିରଳ ନଜୀର ସୃଷ୍ଟି କରିଥିଲା। ୩୨ ବର୍ଷିଆ ଏହି ହାତୀଟିକୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେତେବେଳେ ଗୋପାଳକୃଷ୍ଣ କୁରୁପଙ୍କ ଘରକୁ ଧରାହୋଇ ଆସିଥିଲା। ଏହାର ୪ ବର୍ଷ ପରେ କୁରୁପଙ୍କ ପରିବାରର ସଂପତ୍ତି ଭାଗବଣ୍ଟନରେ ହାତୀଟି କୁରୁପଙ୍କ ପତ୍ନୀ ସାଥୀ ଆମ୍ମାଙ୍କ ଭାଗରେ ପଡ଼ିଲା। କିନ୍ତୁ ପରବର୍ତ୍ତୀ କାଳରେ ହାତୀଟି ଲିଜ ସୂତ୍ରରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଲିକଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିଲା। ଫଳସ୍ୱରୂପ ହାତୀର ମାଲିକ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ନାନା ପ୍ରକାର ବିବାଦର ସୂତ୍ରପାତ ହୋଇଥିଲା। ବିଚାରପତିଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବା ଦିନ କୋର୍ଟ ପରିସର ମଧ୍ୟରେ ସବୁ ଓକିଲଙ୍କ ସମେତ ବହୁ ଦର୍ଶକ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ। ମାଲିକ "ସାଥୀ ଆମ୍ମାକୁ" ଦେଖି ହାତୀଟି ତତ୍‌କ୍ଷଣାତ ଚିହ୍ନି ପାରିଥିଲା ଏବଂ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ହାତୀଟିର ପ୍ରକୃତ ମାଲିକ ହେଉଛନ୍ତି ସାଥୀ ଆମ୍ମା।

ଚାକିରୀରୁ ଅବସର ଗ୍ରହଣ ପରେ ସାଧାରଣତଃ କର୍ମଚାରୀମାନେ ପେନସନ ପାଇବା ଆମେ ସମସ୍ତେ ଜାଣିଛେ। ମାତ୍ର ହାତୀ ସେହିପରି ଏକ କର୍ମମୟ ଜୀବନରୁ ଅବସର ପାଇବାପରେ ପେନସନ ପାଇବାଟା ଆଶ୍ଚର୍ଯ୍ୟ ଲାଗୁଥିବ ନୁହେଁ? ତେବେ ପଶ୍ଚିମ ବଙ୍ଗର ଜଙ୍ଗଲ ବିଭାଗରେ ନିଯୁକ୍ତ ଥିବା ଏକ ହାତୀକୁ ୬୫ ବର୍ଷ ପୁରିଲା ପରେ ସେ ଏହି ବୃତ୍ତିର ଅଧିକାରୀ ହୋଇଥିଲା। ଏହି ଅଧିକାର ପ୍ରାପ୍ତ ସ୍ୱରୂପ ହାତୀକୁ ଉତ୍ତମ ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ଯୋଗାଇ ଦିଆଯାଇଥିଲା। ବରାହ ମିହିରଙ୍କ ଲିଖିତ 'ବୃହତ ସଂହିତା'ରେ ହାତୀଦାନ୍ତ କେଉଁ ସମୟରେ କିପରି କଟାଯାଏ ସେ କଥା ବର୍ଣ୍ଣନା କରାଯାଇଛି। ଦସ୍ୟୁ ସର୍ଦ୍ଦାର ବୀରାପାନ୍ନା ହାତୀ ଦାନ୍ତ ପାଇଁ ପ୍ରାୟ ୨୦୦୦ ହାତୀଙ୍କୁ ମାରିପାରିଛି। କେତେ ଶହ ବର୍ଷ ହେଲା ରାଜସ୍ଥାନ ହାତୀଦାନ୍ତ କାରିଗରୀର କେନ୍ଦ୍ର ରୂପେ ରହି ଆସିଛି। ଏଠାରେ ହାତୀଦାନ୍ତ ଦ୍ୱାରା ନିର୍ମିତ ଚୁଡ଼ିର ବହୁତ ବ୍ୟବହାର ରହିଛି। ଆଜିକାଲି ଜଙ୍ଗଲ କ୍ଷୟଯୋଗୁ ଓଡ଼ିଶାରେ ହାତୀଙ୍କ ସ୍ୱାଭାବିକ ଜୀବନଚର୍ଯ୍ୟା ବ୍ୟାହତ ହେଉଛି। ସେମାନଙ୍କ ଖାଦ୍ୟ ସମ୍ବଳ କମି ଯାଇଥିବା ବେଳେ ଜୀବନ ପରିସର ସଙ୍କୁଚିତ ହେଉଛି। ଆଗକୁ ସରକାର ଯଦି ସଚେତନ ନ ହୁଅନ୍ତି ରାଜ୍ୟରେ ହାତୀମାନଙ୍କ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ।

୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର
ମୋବାଇଲ : ୯୩୩୭୩୬୨୩୮୩

# ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁର

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତୃଦେବ କଟକର ଭୂତପୂର୍ବ ସରକାରୀ ଓକିଲ ରାୟବାହାଦୂର ଜାନକୀ ନାଥ ବୋଷ ଓ ଭକ୍ତିମତୀ ଜନନୀ ପ୍ରଭାବତୀ ଦେବୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏକାନ୍ତ ଭକ୍ତ ଥିଲେ। ଉଭୟଙ୍କର ଐକାନ୍ତିକ ଆଗ୍ରହ ଓ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିବାର ବର୍ଗ ଓ ଭକ୍ତବୃନ୍ଦ ସହ ୧୯୨୨ ସାଲ ୩୧ ଡିସେମ୍ବର ରବିବାର ଦିନ ପୁରୀ ନୀଳାଚଳ ଧାମରେ ପଦାର୍ପଣ କରିଥିଲେ। ପୁରୀଧାମରେ ସମୁଦ୍ର ତୀରରେ ଅବସ୍ଥିତ ଜାନକୀନାଥ ବୋଷଙ୍କ ନିଜସ୍ୱ ଭବନ ହରନାଥ ଲଜରେ ଶ୍ରୀ ଶ୍ରୀ ଠାକୁର ଓ ତାଙ୍କ ଭକ୍ତବୃନ୍ଦ ରହିଥିଲେ। ଶ୍ରୀ ଶ୍ରୀ ଠାକୁର ପୁରୀ ପହଞ୍ଚିବା କିଛିଦିନ ପରେ ଭକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ ଓ କିଶୋରୀ ମୋହନ ଦାସ କୀର୍ତ୍ତନଦଳ ଓ ଆଶ୍ରମବାସୀଙ୍କୁ ନେଇ ହିମାୟିତପୁର (ବର୍ତ୍ତମାନ ପାବନା ଜିଲ୍ଲା, ବାଙ୍ଗଲାଦେଶ)ରୁ ପୁରୀ ଅଭିମୁଖେ ଯାତ୍ରା କଲେ। ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ପୁଣ୍ୟ ପାଦପୀଠରେ ଅବସ୍ଥାନ କରି ଆନନ୍ଦ ଉପଭୋଗ ଓ ସାଧନା ଭଜନ ଆଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଶିଷ୍ୟ ସମବେତ ହୋଇଥିଲେ। ପ୍ରାୟ ଦୁଇ ଶତାଧିକ ଭକ୍ତ ଦୀର୍ଘ ଦେଢ଼ମାସ ବୋଷ ଦମ୍ପତ୍ତିଙ୍କର ଘରେ ଅବସ୍ଥାନ କରିଥିଲେ।

ଏତେଦିନ ଧରି ପରିବାରବର୍ଗ ସହ ପରମ ଆରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଯଥାଯୋଗ୍ୟ ସେବାପୂଜା ଓ ଭକ୍ତମାନଙ୍କର ଯଥୋଚିତ ସମ୍ବର୍ଦ୍ଧନାରେ ସସ୍ତ୍ରୀକ ଜାନକୀ ନାଥ ଯେଉଁ ଅପୂର୍ବ ନିଷ୍ଠା, ଉଦାରତା ଓ ମହତ୍ତ୍ୱର ପରିଚୟ ଦେଇଥିଲେ ତାହା ଅପୂର୍ବ ଓ ଅବର୍ଣ୍ଣନୀୟ। ପରମ ଆତ୍ମୀୟ ଅତିଥିଗଣଙ୍କ ଭୋଜନ, ଶୟନ, ବିଶ୍ରାମ ଓ ଅନ୍ୟାନ୍ୟ ଯାବତୀୟ ପ୍ରୟୋଜନ ପୂରଣର ଯଥାଯଥ ବ୍ୟବସ୍ଥାରେ କୌଣସି ତ୍ରୁଟି ନଥିଲା। କୌଣସି ଅତିଥି ବିନ୍ଦୁମାତ୍ର ଅସୁବିଧା ଭୋଗ ନକରନ୍ତି ସେଥିନିମିତ୍ତ ଜାନକୀ ବୋଷ ଦମ୍ପତ୍ତି ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ସେମାନଙ୍କର ଅକ୍ଲାନ୍ତ ଶ୍ରମ, ତ୍ୟାଗ ଓ ଅଜସ୍ର ଅର୍ଥ ବ୍ୟୟର ଗାଥା ଅବର୍ଣ୍ଣନୀୟ।

ପୁରୀ ଅବସ୍ଥାନ କାଳରେ ଭକ୍ତଗଣ ପ୍ରତ୍ୟହ ପ୍ରାତଃକୃତ୍ୟାଦି ସମାପନ ପୂର୍ବକ ବିଭିନ୍ନ କୀର୍ତ୍ତନ ଦଳରେ ବିଭକ୍ତ ହୋଇ ନାନା ଦିଗରେ ନଗର ପରିକ୍ରମାରେ ଯାଉଥିଲେ। ସେମାନେ ପୁରୀ ସହରର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ନାନା ମଠ ଯାଇ ତାଣ୍ଡବ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ତାଳ ଓ ପ୍ରାଣୋନ୍ମାଦନୀ କୀର୍ତ୍ତନରେ ନଗରବାସୀ ଆବାଳବୃଦ୍ଧ ବନିତା ଆନନ୍ଦରେ ମାତି ଉଠୁଥିଲେ। ଭକ୍ତଗଣ ପ୍ରାୟଶଃ କୀର୍ତ୍ତନଦଳ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ଦୀର୍ଘ ସମୟ ଧରି ଉଦ୍ଦଣ୍ଡ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ସେଠାରେ ସମବେତ ସହସ୍ର ସହସ୍ର ନରନାରୀ ଓ ଶ୍ରୀ ମନ୍ଦିରରର ପଣ୍ଡାଗଣ ସେହି ଅପୂର୍ବ କୀର୍ତ୍ତନ ଶୁଣି ଆନନ୍ଦ ଓ ବିସ୍ମୟରେ ଉଦ୍ଦୀପ୍ତ ଓ ପୁଲକିତ ହେଉଥିଲେ। ମନ୍ଦିର ମଧ୍ୟକୁ ଖୋଳ ନେବାର ରୀତି ନଥିଲେ ମଧ ଉଦ୍ଦଣ୍ଡ କୀର୍ତ୍ତନରେ ମାତି ଭକ୍ତଗଣ ଓ ପଣ୍ଡାମାନେ ମନ୍ଦିର ମଧ୍ୟରେ କୀର୍ତ୍ତନ କରୁଥିଲେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ସମ୍ମୁଖରେ।

ଶ୍ରୀ ଶ୍ରୀ ଠାକୁର ଯେତେଦିନ ପୁରୀରେ ବାସ କରୁଥିଲେ ତାଙ୍କର ଆବାସ ସ୍ଥଳରେ ଶତ-ଶତ ଆଗନ୍ତୁକ ଓ ଭକ୍ତବୃନ୍ଦଙ୍କ କୋଳାହଳରେ ଦିନରାତ୍ରି ମୁଖରିତ ହୋଇ ରହୁଥିଲା। ପ୍ରତିଦିନ ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଓ ସଙ୍ଗ ଲାଭ ନିମିତ୍ତ ହରନାଥ ଲଜରେ ସମବେତ ହେଉଥିଲେ। ସେମାନେ ନିଜ ନିଜ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଥିଲେ। ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱଭାବସୁଲଭ ଭଙ୍ଗିମାରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟର ସହଜ ସରଳ ମୀମାଂସା ଦାନ କରୁଥିବା ଦେଖି ସମସ୍ତଙ୍କ ଭିତରେ ଏକ ଦିବ୍ୟଭାବ ଉନ୍ମାଦନା ସଞ୍ଚାର ହେଉଥିଲା। ବହୁ ବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ।

ପୁରୀ ଅବସ୍ଥାନ ସମୟରେ ଶ୍ରୀ ଶ୍ରୀ ଠାକୁର ପ୍ରାୟଦିନ ଭକ୍ତଗଣ ପରିବୃତ ହୋଇ ସମୁଦ୍ରରେ ଗାଧୋଉ ଥିଲେ, ତାହା ଏକ ଅନିର୍ବଚନୀୟ ମହା ଆନନ୍ଦ ଉତ୍ସବରେ ପରିଣତ ହେଉଥିଲା। ଶ୍ରୀ ଶ୍ରୀ ଠାକୁର ଭକ୍ତଗଣ ସହ ସମୁଦ୍ର ବାଲିରେ ଉପନୀତ ହେଲେ ସମସ୍ତେ ମିଶି ତୁମୁଳ କୀର୍ତ୍ତନ କରୁଥିଲେ। ତାହାପରେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ସମୁଦ୍ର ପାଣିରେ ଅବତୀର୍ଣ୍ଣପୂର୍ବକ ତରଙ୍ଗ ପ୍ରବାହର ତାଳେ ତାଳେ କୀର୍ତ୍ତନରତ ଅବସ୍ଥାରେ ସ୍ନାନ କ୍ରୀଡ଼ାରେ ବ୍ୟସ୍ତ ରହୁଥିଲେ। ସ୍ନାନ ସମୟରେ ଦୀର୍ଘ ସମୟ ଧରି ଦୋଳନ, କୀର୍ତ୍ତନ ଆଲିଙ୍ଗନ, ହାସ୍ୟ କୌତୁକ ଓ ଜଳସିଞ୍ଚାଦି ଆନନ୍ଦ ଉଲ୍ଲାସରେ ଏକ ସ୍ୱର୍ଗୀୟ ଅନୁଷ୍ଠାନ ଚାଲୁଥିଲା। ସ୍ନାନ ସମାପନାନ୍ତେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁରଙ୍କୁ ପୁରଭାଗରେ ରଖି ପୁଣି କୀର୍ତ୍ତନ କରୁ କରୁ ଘରକୁ ଫେରୁଥିଲେ। ଶ୍ରୀ ଶ୍ରୀ ଠାକୁର ଦିନେ ପ୍ରାତଃକାଳରେ ସମୁଦ୍ର ତୀରରେ ଭ୍ରମଣ କରୁ କରୁ କଠଉ ପିନ୍ଧି ପାଞ୍ଚ-ଛଅ କିଲୋମିଟର ଚାଲି ସାକ୍ଷୀଗୋପାଳରେ ପହଞ୍ଚି ଯାଇଥିଲେ, ସେଠାରୁ ଫେରି ସନ୍ଧ୍ୟା ସମୟରେ ଘରେ ପହଞ୍ଚିଲେ।

ପୁରୀ ଧାମ ଛାଡ଼ିବା କିଛିଦିନ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ତାଙ୍କର ବାଲ୍ୟସଖା ଭକ୍ତ ପ୍ରବର ଅନନ୍ତ ମହାରାଜଙ୍କୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମିତ୍ତ ମନ୍ଦିର ଭିତରକୁ ଯାଇଥିଲେ। ୧୪ ଫେବୃୟାରୀ ୧୯୨୩ ତାରିଖରେ ଶ୍ରୀ ଶ୍ରୀ ଠାକୁର ପୁରୀଧାମରୁ ପ୍ରତ୍ୟାବର୍ତ୍ତନ କରିଲେ। ପୁରୀ ନୀଳାଚଳ ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କ ରହଣି ସତସଙ୍ଗ ଇତିହାସରେ ଏକ ଅପୂର୍ବ ସ୍ମୃତି। ସେହି ସ୍ମୃତିକୁ ପାଥେୟ କରି ପ୍ରତିବର୍ଷ ଜାନୁୟାରୀ ୮ ତାରିଖରେ (୨ୟ ରବିବାର) ଲକ୍ଷାଧିକ ଭକ୍ତ ନୀଳାଚଳ ଧାମରେ ଉପସ୍ଥିତ ହୋଇ ଉତ୍କଳ ଆଗମନୀ ଦିବସ ଭାବରେ ପାଳନ କରନ୍ତି।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ

**॥ ଡାକ୍ତର କାନ୍ତୀ ନାୟକ ॥**

ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

## ଆ.ଇ.ଟି.ଡି.ଏ. ବାଲିଗୁଡା ତରଫରୁ ଆଦିବାସି ଋଷୀ ଙ୍କୁ ବ୍ୟାଟେରି ଋଳିତ ସ୍ପ୍ରେୟାର ମେସିନ ବଂଟନ



କନ୍ଧମାଳ:(ମହାଭାରତ): ଅଦିବାସୀ ପରିବାର ମାନଙ୍କର କୃଷି କ୍ଷେତ୍ରରେ ଉନ୍ନତି ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦେକ୍ଷପ ନିଆଯାଉଥିବା ବେଳେ ଓଡିଶା ରେ କାର୍ଯ୍ୟକାରୀ ହେଉଛି ମୂଖ୍ୟମନ୍ତ୍ରୀ ଜନଜାତୀ ଜିବିକା ମିଶନ। କନ୍ଧମାଳ ଜିଲ୍ଲା ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାଲିଗୁଡା ଙ୍କ ତରଫରୁ ୦୯ ଗୋଟି ବ୍ଲକ ର ବିଭିନ୍ନ ଅଂଚଳ ରେ ଏହି ଯୋଜନା ସେ୍ୱଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ସହଯୋଗରେ ରେ ପରିଋଳିତ ହେଉଛି । ଋଷି ମାନଙ୍କର ଋଷ ପ୍ରଣାଳି କୁ ସୁଗମ କରିବା ଲକ୍ଷ୍ୟରେ ଟିକାବଲି ବ୍ଲକ୍ କଟିମାହା ଗ୍ରାମପଂଋୟତ ପ୍ରଧାନପଡା ଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଙ୍କ ଦ୍ୱାରା ୦୫ ଗୋଟି ଜିବିକା ପରିଷଦ ର ୩୭ ଜଣ ଋଷୀ ଙ୍କୁ ବ୍ୟଟେରି ଋଳିତ ସ୍ପ୍ରେୟର ମେସିନ ପ୍ରଦାନ କରାଯାଇଛି । କଟିମାହା ସରପଂଚ କର୍ଣ୍ଣେଲ୍ କହଁର ଉପସ୍ଥିତ ରହି ଋଷୀ ମାନଙ୍କୁ ଏହା ନିଶ୍ଚିତ ଆଗାମି ଦିନରେ ସହାୟକ ହେବ ବୋଲି କହିଥିଲେ । ଏଥିସହ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା, ବାଲିଗୁଡା ର ପ୍ରକଳ୍ପ ପରିଋଳକ ସମିରନ ନାୟକ, କୃଷି ବିଶେଷଜ୍ଞ ରାଜେଶ ପ୍ରଧାନ, ବୈକୁଣ୍ଠନାଥ ବେହେରା, କବିରାଜ ବେହେରା, ପବିତ୍ର ମେହନ ସାହୁ , ବ୍ଲକ୍ ଜିବିକା ବିଶେଷଜ୍ଞ ପ୍ରବିଣ କୁମାର ନାୟକ, ସୁନିଲ ସୁବୁଦ୍ଧି ଓ ମୋଜେସ୍ ନାୟକ ଉପସ୍ଥିତ ରହି ଏହି ପମ୍ପ ସେଟ୍ ଦ୍ୱାରା ଋଷ ପ୍ରଣାଳି ରେ ଉନ୍ନତି ଆଣି ଅଧିକ ଅମଳ କରି ଜିବନ ଜିବିକା ର୍ନିବାହ କରିପାରିବେ ବୋଲି କହିଥିଲେ ।ଏହି କର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଆଦିବାସି ପରିବାର ମେସିନ୍ ପାଇବା ପରେ ଖୁସି ବ୍ୟକ୍ତ କରିବା ସହିତ ପ୍ରକଳ୍ପ ପ୍ରଶାସକ ଙ୍କୁ ଧନ୍ୟବାଦ ର୍ଅପଣ କରିଥିଲେ ।

# ରାଜେନିପ୍ପିଡ଼ିଆ ଗ୍ରାମ ପାଇଁ ବସୁଧା ଯୋଜନା ଜଳ ସାତ ସପନ

## ଗ୍ରୀଷ୍ମପ୍ରବାହ ବଢ଼ିବା ସାଙ୍ଗକୁ ବଢ଼ୁଛି ଜଳକଷ୍ଟ



କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ରାଜେନିପ୍ପିଡ଼ିଆ ଗ୍ରାମରେ ଦେଖିବାକୁ ମିଳିଛି ପାଣି ର ସମସ୍ୟା ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ରାଜେନିପ୍ପିଡ଼ିଆ ଗ୍ରାମର ଲୋକମାନେ ପ୍ରତିଦିନ ଏହି ଗାଁ ର ଲୋକେ ପାଣି ପାଇଁ ଅନେକ ଦୂରକୁ ୧ କିଲୋମିଟର୍ ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ । ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ ର କାଶିନିପଦର ପଞ୍ଚାୟତି ଦୁର୍ଗମ ଅଞ୍ଚଳ ରାଜନିପ୍ପିଡ଼ିଆ ହେଇଥିବାରୁ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି ।ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ଗ୍ରାମ କୁ ? ଯାହା ଫଳରେ ଉକ୍ତ ଶାଶିପଦର ରାଜେନିପ୍ପିଡ଼ିଆ ଗ୍ରାମ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ସର୍ବ ମୋଟ ୩୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି ।ଏସମ୍ପର୍କରେ ଶାଶିପଦର ରାଜେନିପ୍ପିଡ଼ିଆ ଗ୍ରାମ ର ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବାରୁ ,ଶାଶିପଦର ଗ୍ରାମ ର,ରାଜେନିପ୍ପିଡ଼ିଆ,ନେଡିସାହି, ସୁନ୍ଦର ସାହି,ଓ ମାଝି ସାହିଏହି ସାହିର ଜନସାଧାରଣ ଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି ।ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହି ଗ୍ରାମରେ ନୂତନ ନଳକୂପ ଖନନ କରିବା ପାଇଁ ଶାଶିପଦର ଗ୍ରାମର ରାଜେନିପ୍ପି ସାହିର କନ୍ଧୁ କହଁର , ସୁଗ୍ରୀବ ମଳିକ, ବାଳକୃଷ୍ଣ ଦିଗାଲ, ସଦାନନ୍ଦ ପୃଷ୍ଟୀ, ଉମା ଚରଣ ଦିଗାଲ,ମାୟାଧର ଦିଗାଲ, ସୁଶାନ୍ତ ଦିଗାଲ,ମଞ୍ଜୁଲା ଦିଗାଲ, ଆଲୋକ ଦିଗାଲ, ବଳଭଦ୍ର ଦିଗାଲ, ସୁଭଦ୍ରା ଦିଗାଲ, ତାପସ କୁମାର ଦିଗାଲ,ଜିଶାୟ ଦିଗାଲ ,କାଶିନିପଦର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଶୋଭା କାନ୍ତ କହଁର,ଓ ସମାଜ ସେବୀ ମୃତ୍ୟୁଞ୍ଜୟ ଦିଗାଲ ଦାବି କରିଛନ୍ତି।



## ବିଜେତା ଘୋଷଣା ପାଇଁ ବଢୁଛି ଆଶା, ଡ୍ରିମ୍ ଇଲେଭେନ୍ ମାଇଁ ଇଲେଭେନ୍ ରେ ଟିମ୍ କରିବା ଲାଗୁଛି ନିଶା

ଦାନଗଦି:(ମହାଭାରତ) ଯେବେଠୁ ଆଇପିଏଲ ଖେଳ ଆରମ୍ଭ ହୋଇଛି ।ଖେଳ ପ୍ରେମୀ ମାନେ ବେସ ଉତ୍ସାହିତ ରହିଥିବା ବେଳେ ଡ୍ରିମ୍ ଇଲେଭେନ ଓ ମାଇଁ ଇଲେଭେନ୍ ରେ ବିଜୟ ର ମୁକୁଟ ପିନ୍ଧିବା ବିଜେତା ରାଶି ପାଇବା ପାଇଁ ସଭିଙ୍କ ମନରେ ବଢୁଛି ଆଶା। ଅନେକ ଖେଳପ୍ରେମି ଡ୍ରିମ୍ ଇଲେଭେନ୍ ଓ ମାଇଁ ଇଲେଭେନ୍ ରେ ବାଜି ଲଗାଇ ମନରେ ଆଶା ଆକାଂକ୍ଷା ରଖି ଖେଳ ପ୍ରେମୀମାନେ ବେଟ୍ ଲଗାଉଛନ୍ତି ବେଟ୍ ଧରିଙ୍କ ମନରେ ବେସ ଆଶା ରହିଥିବାବେଳେ । ଡ୍ରିମ୍ ଇଲେଭେନ ଓ ମାଇଁ ଇଲେଭେନ୍ ରେ ଟିମ୍ ବନାଇବାରେ ଲାଗିପଡିଛନ୍ତି ଖେଳ ପ୍ରେମୀ ବେଟ୍ ଧାରି। କଳିଙ୍ଗନଗରରେ ଅଞ୍ଚଳରେ ଏହା ବୋହୁଲ ମାତ୍ରାରେ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳୁଛି ।ଡ୍ରିମ୍ ଇଲିଭେନ୍ ମାଇଁ ଇଲେଭେନ୍ ରେ ବିଜେତା ହେବାପାଇଁ ମନରେ ଅଧିକାଂଶ ଆଶା ରହି ପିଲା ଠୁ ନେଇ ବ୍ୟକ୍ତି ବିଶେଷ ମାନେ ଲଗାଉଛନ୍ତି ବେଟ। କିଛିଦିନ ତଳେ ଏହି ମାଇଁ ଇଲେଭେନ୍ ସର୍କଲ ରେ ବେଟ୍ ଲଗାଇଥିବା କେନ୍ଦୁଝର ର ଜଣେ ଯୁବ ଦୁଇ କୋଟି ସହ ଏକ ଥର ଗାଡ଼ି ଜିତିଥିବା ଭାଇରାଲ ହେବାପରେ ମନରେ ଅନେକ ଅସାବାନ୍ଧି ଅତ୍ୟଧିକ ବ୍ୟବଧାନ ରେ ବାଜି ଲଗାଉଛନ୍ତି ଖେଳ ପ୍ରେମୀ। ଏହା ଏକ ଜୁଆ ଖେଳ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ମଧ୍ୟ ପାଲଟିଥିବା ବେଳେ । ଏହି ଡ୍ରିମ୍ ଇଲେଭେନ୍ ରେ ପିଲାମାନେ ଗୋଟେ କି ଦୁଇଟା ନୁହେଁ ବୋହୂଳ ପରିମାଣରେ ବେଟ୍ ଲାଗୁଥିବା କଳିଙ୍ଗନଗର ଅଞ୍ଚଳରେ ଦେଖାଦେଇଛି। ଏହି ଗେମ୍ ର କାର୍ଯ୍ୟ ସୁଚି ଅନୁଯାୟୀ ସତର୍କ ର ସୂଚନା ଓ ଏହା ଏକ ବିପଦ ଜନକ ହୋଇପରେବୋଲି ସତର୍କତାର ସହ ଖେଳିବାକୁ ଏହି ଗେମ୍ ର ସତାବଳିରେ କୁହାଯାଇଛି। ଏହାକୁ ସତର୍କତା ର ସହ ଖେଳିବାକୁ ମନରେ ଆକାଂକ୍ଷା ବିଶ୍ୱାସ ଭରିଥିବା ଖେଳାଳି ମାନେ ଖେଳିବାକୁ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ



କଳାହାଣ୍ଡି/ମହାଭାରତ :ଭବାନୀପାଟଣା: ତା ୬.୪.୨୦୨୫ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୧୪ ଏପ୍ରିଲ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜି ଜିଲ୍ଲା ର ସମସ୍ତ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ନେତୃତ୍ୱରେ ଭବାନୀ ପାଟଣା ସ୍ଥିତ ମଦନମୋହନ ମନ୍ଦିର ର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ର୍ନିବାହୀ ଅଧିକାରୀ ପୌରପାଳିକା ଚିନ୍ମୟୀ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ, ସମାଜ ସେବୀ, ଉତ୍ସବ ସାହୁ ଙ୍କ ସମେତ ମନ୍ଦିର ପରିଋଳନା କମିଟିର ର ସମସ୍ତ ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଅଭିଯାନ ରେ ସହଯୋଗ କରିଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା କାଲି ୭ ଏପ୍ରିଲ ରେ ବର୍ଣ୍ଣବୋଧ ବଣ୍ଟନ - ବର୍ଣ୍ଣବୋଧ ଉତ୍ସବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ହେବାୟ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ର ସଫଳ ଆୟୋଜନ ରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଅଛି ।

## ଯୋଗାଣ ସହାୟକଙ୍କ ଋକିରି ନିୟମିତ ଦାବୀ ପତ୍ର ପ୍ରଦାନ



ଆସିକା (ମହାଭାରତ): ରାଜ୍ୟ ଯୋଗାଣ ସହାୟକ ସଙ୍ଘ ର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ସହାୟକ ସଙ୍ଘ ପକ୍ଷରୁ ଆସିକା ବ୍ଲକ ଯୋଗାଣ ସହାୟକ /ସହାୟିକା ଋକିରୀ ରେ ସରକାରୀ ମାନ୍ୟତା ଦାବିରେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି । ଓଡିଶା ର ସମସ୍ତ ଯୋଗାଣ ସହାୟକ/ ସହାୟିକା ଭାବରେ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା-୭୦୪୦ ତା.୨୧.୦୪.୨୦୧୨ ମାଧ୍ୟମରେ ପ୍ରତେକ ପଞ୍ଚାୟତ ରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଋରୁ ରୁପରେ ଆଜି ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆସିଛନ୍ତି । ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ ସମୟ ହୋଇ ସାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏହି ମାନଙ୍କୁ ନିୟମିତ କରିଲେ ନାହିଁ । ଯୋଗାଣ ସହାୟକ /ସହାୟିକା ମାନେ ଦିନ ମଜୁରିଆ ଠାରୁ ବି କମ୍ ପାରିଶ୍ରମିକ ମିଳୁଛି । ସରକାର ମାସକୁ ମାତ୍ର ୮୦୦୦ ଟଙ୍କା ପାରିଶ୍ରମିକ ପ୍ରଦାନ କରୁଛନ୍ତି ।ରାଜ୍ୟ ସରକାର ଏବଂ ବିଭାଗୀୟ ମନ୍ତ୍ରୀ ଙ୍କୁ ସଂଘ ତରଫରୁ ଗୁହାରି ଜଣାଇଲେ ମଧ୍ୟ ସରକାର ନିରବ ଏହାର ପ୍ରତିବାଦରେ ଆଜିଠାରୁ ଓଡିଶାର ୪୫୦୦ ରୁ ଉର୍ଦ୍ଧ, ଗଞ୍ଜାମ ଜିଲ୍ଲା ରେ ପ୍ରାୟ ୪୦୦ ଜଣ ଏବଂ ଆସିକା ବ୍ଲକ ରେ ୨୬ ଜଣ ଯୋଗାଣ ସହାୟକ ଏବଂ ସହାୟିକା ମାନେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମୂହ ଛୁଟି ରେ ରହିବାକୁ ଆସିକା ବିଡ଼ିଓ ଲିପିନା ଦାସ ଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି । ସରକାର ଆମ କଥା ଏପ୍ରିଲ ୧୪ ମଧ୍ୟରେ ବିଋରକୁ ନ ନିଅନ୍ତି ତାହେଲେ ସମସ୍ତ ଯୋଗାଣ ସହାୟକ ମାନେ ଅର୍ନିଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପି.ଏମ.ଜି ଠରେ ଧାରଣା ଅନସନ କରିବୁ ବୋଲି ଆସିକା ବ୍ଲକ ସଙ୍ଘ ର ସଭାପତି ସମୀର କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ବ୍ଲକ ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରାଙ୍କ ଉପସ୍ଥିତ ରେ ସଙ୍ଘର ସମ୍ପାଦକ ସନ୍ତୋଷ କୁମାର ସାହୁ,ସୁଜ୍ଞାନୀ ପ୍ରଧାନ,ରୋଜି କୁମାରୀ ପାତ୍ର,ମମତା କୁମାରୀ ମାଝୀ,ଗାୟତ୍ରୀ କୁମାରୀ ନାୟକ,ଜୟନ୍ତୀ କୁମାରୀ ଜେନା,ଶିଲ୍ପା ସ୍ୱାଇଁ,ଶ୍ରୀକାନ୍ତ ଜେନା,ସ୍ମିତା ବିଶ୍ୱାଳ,ଶଙ୍କର ନାହାକ,ମୌସମୀ ସାହୁ,ଦର୍ପ ଦଳନ ଋର୍ଚ୍ଚି ସମେତ ଅନେକ ଯୋଗାଣ ସହାୟକ /ସହାୟିକା ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲ ର ୧୬ତମ ପ୍ରତିଷ୍ଠା ଦିବସ



ପାରାଦୀପ(ମହାଭାରତ): ପାରାଦୀପ ପୋର୍ଟ ଡି.ଏ.ଭି. ପବ୍ଲିକ୍ ସ୍କୁଲ ର ୧୬ତମ ପ୍ରତିଷ୍ଠା ଦିବସ ଶନିବାର ଦିନ ସ୍କୁଲ ପରିସରରେ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି ।ଏହି ଅବସରରେ ପାରାଦୀପ ବନ୍ଦର ଇଷ୍ଟେଟ ଅଧିକାରୀ ବିଶ୍ୱଜିତ୍ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋନ୍ଧି, ପିପିଏଲ ଡିଏଭି ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ, ଇଫକୋ ଡିଏଭି ଅଧକ୍ଷ ସମ୍ବିତ୍ ସୁକୁମାର ପ୍ରମୁଖ ଙ୍କୁ ସମ୍ମାନିତ ଅତିଥି ଭାବରେ ସ୍ୱାଗତ କରାଯାଇଥିଲା । ପାରାଦୀପ ଡିଏଭି ସ୍କୁଲ ର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଗୋଷ୍ଠୀ ନୃତ୍ୟ, ଏକକ ଗୀତ, ବକ୍ତବ୍ୟ, ଅତିଥିମାନଙ୍କ ପ୍ରେରଣାଦାୟୀ ବକ୍ତବ୍ୟ ସମସ୍ତଙ୍କୁ ଉତ୍ସାହିତ କରିଥିଲା ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ଅଧକ୍ଷାଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସମନ୍ୱିତ ବିକାଶ ପାଇଁ ପୋଷଣ ତଥା ପୃଷ୍ଠପୋଷକତା ପାଇଁ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ବସ ଦୁର୍ଘଟଣାରେ ୨ ମୃତ ୩୦ ରୁ ଉର୍ଦ୍ଧ ଗୁରୁତର

ବାଲିଅନ୍ତା (ମହାଭାରତ ) ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କୌଶଲ୍ୟାଗଙ୍ଗ ଫାଣ୍ଡି ସିଫା ସମ୍ମୁଖରେ ବିଳମ୍ବିତ ରାତିରେ ବସ ଦୁର୍ଘଟଣା ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ପର୍ଯ୍ୟଟକ ବସ ରାସ୍ତା ପାର୍ଶ୍ୱକୁ ଓଲଟିପଡିଲା ଏଥିରେ ୬୦ ଜଣରୁ ଉର୍ଦ୍ଧ୍ ପର୍ଯ୍ୟଟକ ଯାଉଥିବା ବେଳେ ୩୦ ରୁ ଉର୍ଦ୍ଧ୍ ଗୁରୁତର ଆହତ ହୋଇଛନ୍ତି ଏବଂ ୫ ରୁ ଅଧିକ ପର୍ଯ୍ୟଟକଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଥିବା ବେଳେ ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଶନିବାର ବିଳମ୍ବିତ ରାତି ୨ ଟାରେ ଘଟିଥିବା ଏହି ଦୁର୍ଘଟଣା ରେ ସ୍ଥାନୀୟ ପୁଲିସ ଓ ସ୍ଥାନୀୟ ଲୋକ ଙ୍କ ସମେତ ଅଗ୍ନିଶମ ବାହିନୀର ମିଳିତ ସହଯୋଗରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଉଦ୍ଧାର ପରେ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲ କୁ ପଠାଇଦିଆଯାଇଥିଲା। ଦୁର୍ଘଟଣା କାରଣରୁ ବହୁ ସମସ୍ତ ଧରି ଉଭୟ ରାସ୍ତାରେ ଗାଡ଼ି ମଟର ଫସିରହିଥିଲା ତେବେ କେଉଁ କାରଣରୁ ବସ ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ସଠିକ ଭାବେ ଜଣାପଡିନଥିବା ବେଳେ ପୋଲିସ ଘଟଣା ର ତଦନ୍ତ ଆରମ୍ଭ କରିଛି ।

## ହିନ୍ଦୋଳରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳନୟଯୋଗଦେଲେ ବିଧାୟିକା ଓ ସାଂସଦ

ହିନ୍ଦୋଳ(ମହାଭାରତ) ଆଜି ପବିତ୍ର ଶ୍ରୀରାମ ନବମୀୟ ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଛି ସାରା ରାଜ୍ୟୟପ୍ରଭୁ ଶ୍ରୀରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର କୁହାଯାଏ। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ପ୍ରଭୂ ଶ୍ରୀରାମ ।ଏହି ପରିପ୍ରେକ୍ଷୀରେ ହିନ୍ଦୋଳରେ ଶ୍ରୀରାମ ଜନ୍ମୋତ୍ସବ କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଅଛି ।ଅପରାହ୍ନ ପ୍ରାୟ ୬ଟା ସମୟରେ ହିନ୍ଦୋଳ ଏନ୍ ଏ ସି ର ୮ ନମ୍ବର୍ ୱାର୍ଡ ଗୁଣ୍ଡିଋ ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ଆରମ୍ଭ ହୋଇ ରାତ୍ରି ୧୦ଟା ପର୍ଯ୍ୟନ୍ତ ହିନ୍ଦୋଳ ଏନ୍.ଏ.ସି ର ବିଭିନ୍ନ ୱାର୍ଡ ଅଭିମୁଖେ ରାମଙ୍କ ରଥ ହଜାର ହଜାର ରାମ ଭକ୍ତଙ୍କ ଭିଡ ମଧ୍ୟରେ ପରିକ୍ରମା କରାଯାଇଥିଲା ।ଚଳିତ ବର୍ଷ ଏହି ଶୋଭାଯାତ୍ରା ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ଭଜନ କୀର୍ତ୍ତନ,ଘଣ୍ଟ ମୃଦଙ୍ଗ, ଡିଜେ,ବାଣରେ ପ୍ରକମ୍ପିତ ହୋଇଥିଲା ସମଗ୍ର ହିନ୍ଦୋଳ ଏନ୍.ଏ.ସିୟରାମ ଧୂନ୍ ର ତାଳେ ତାଳେ ଶହ ଶହ ଯୁବକ ବିଭୋର ହୋଇ ନାଚୁ ଥିବାର ଦେଖାଯାଇଥିଲା ।ସେହିଭଳି ଶହ ଶହ ଲୋକ ବାଇକ୍ ଯୋଗେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ମଧ୍ୟ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିବା କରିଥିଲେ ।ଆଗମୀ ଦିନରେ ଏହି ଉତ୍ସବକୁ ଆହୁରି ଭବ୍ୟ କରିବା ସହ ହିନ୍ଦୋଳର ଏକ ପ୍ରମୁଖ କାର୍ଯକ୍ରମ ରେ ପରିଣତ କରାଯିବ ବୋଲି ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି।



# ନିମ୍ନ ମାନର ର୍ନିମାଣ ହେଉଛି କେନାଲ ବନ୍ଧ ରାସ୍ତା ଅସନବଣୀ ରୁ ଚମ୍ପାଝର

କରଞ୍ଜିଆ(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଚମ୍ପାଝର-ଅସନବଣୀ କେନାଲ ରାସ୍ତା ପର୍ଜନ୍ତ ର୍ନିମାଣ ହେଉଥିବା ରାସ୍ତା ନିମ୍ନ ମାନର ହେଉଛି । ଏହାକୁ ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ବନ୍ଧ ରାସ୍ତାରେ ମାଟି ପକାଜିବା ପରେ ମେଣ୍ଟାଲ ବିଛି ଯାଇଥିଲେ ମଧ୍ୟ କାର୍ଯ ହେଇଥିବା ମାନଦଣ୍ଡ ରେ ଠିକାଦାର କାର୍ଯ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି। କାମ ଆରମ୍ଭ ରୁ ସୂଚନା ଫଳକ ଲିଗିବା କଥା କିନ୍ତୁ କାମ ସରିବା ପର୍ଯ୍ୟନ୍ତ ସୂଚନା ଫଳକ ନାହିଁ । ସୂଚନା ଯୋଗ୍ୟ ଯେ ଚମ୍ପାଝର କେନାଲ ବନ୍ଧ ରାସ୍ତା ପାଇଁ ୬୭ ଲକ୍ଷ୍ୟ ୬୭ ହଜାର ବ୍ୟୟ ଅଟକଳ ହୋଇଥିଲା । ଏ ଥିରେ ମାଟି, ଗୋଡ଼ି,ମୋରମ,ପିଚୁ ରେ ଧାର୍ଯ୍ୟ ହୋଇଥିଲା । ଏବେ ଉକ୍ତ ରାସ୍ତା ଟି ଠିକ ଭାବେ ହେଉନଥିବା ର ସ୍ଥାନୀୟ ବାସିନ୍ଦା ଙ୍କ ପକ୍ଷ ରୁ ଅସନ୍ତୋଷ ପ୍ରକାସ କରିଛନ୍ତି । ସେମାନଙ୍କର ଅଭିଯୋଗ ଉକ୍ତ ରାସ୍ତା ର ଓସାର ମାଟି ପକାଇ ମେଣ୍ଟାଲଲିଙ୍ଗ କରାଯାଇଛି କିନ୍ତୁ ମାଟି ପକାଇ ରୋଲର ବ୍ୟବହୃତ ନ ହୋଇ ରାସ୍ତା ର୍ନିମାଣ ହେଉଛି । ରାସ୍ତା ର୍ନିମାଣ ଏପରି ହେଉଛି ଜେ ଆସୋରାଏ ବର୍ଷା ରେ ଧୋଇ ଯିବାର ସମ୍ଭାବନା ରହିଛି । ସରକାରୀ ଟଙ୍କା ଖର୍ଚ୍ଚ କରି କେନାଲ ବନ୍ଧ ରାସ୍ତା ମଜଭୁତ କରିବାକୁ ଯୋଜନା କରୁଛନ୍ତି କିନ୍ତୁ ଠିକାଦାର ର ଏଥି ପ୍ରତି ଗୁରୁତ୍ୱ ନାହିଁ ବୋଲି ଅଭିଯୋଗ ହେଉଛି । ତେବେ ଏ ରାସ୍ତା ସମସ୍ୟା ସମ୍ବନ୍ଧରେ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆ ମଧ୍ୟ ବିଭାଗୀୟ ଯନ୍ତ୍ରୀ ମୁଚିରାମ ମୁର୍ମୁ ଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କାମ ଠିକ ହେଉନଥିବାର ପ୍ରକାଶ କରିଥଲେ। ଠିକାଦାର ଶୁଣୁ ନଥିବାରୁ ଗ୍ରାମବାସୀ ଅଳ୍ପ କାମ ବାକି ଥିଲାବେଳେ କାମ କୁ ବନ୍ଦ କରିଦେଇଛନ୍ତି ? ଯେ ହେତୁ ଚମ୍ପାଝର ପଞ୍ଚାୟତ ବ୍ଲକ ଅଧକ୍ଷା ଙ୍କ ନିଜ ପଞ୍ଚାୟତ ହୋଇଥିବାରୁ ସେ ମଧ୍ୟ ରାସ୍ତା କାମ ଠିକ୍ ନହେଉ ନଥିବାର ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନର ଅଧିକାରୀ ଙ୍କୁ ଜଣାଇଥିବା ପ୍ରକାଶ କରିଥଲେ। ପ୍ରଥମେ ସୂଚନା ଫଳକ ଲାଗିବ ଏବଂ ଖରାପ ହୋଇଥିବା କାମ ପୁଣି ଆଉଥରେ କରିବା ପାଇଁ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ସୂଚନା ଫଳକ ଲଗାଇବା ପାଇଁ ଠିକାଦାର କୁ କହିଛି ମୁଁ ଥିବା ସମୟରେ କାମ ଠିକ ହୋଥିଲା ।



## ବିଷମ କଟକ ରେ ରାମ ନବମୀ ପାଳିତ



ବିଷମ କଟକ(ମହାଭାରତ) ରାୟଗଡା ଜିଲ୍ଲା ବିଷମ କଟକ ସଦର ତେଲି ସାହି ସ୍ଥିତ ରାମ ମନ୍ଦିର ଠାରେ ଧୁମ ଧାମ ରେ ରାମ ନବମୀ ପାଳିତ ହୋଇଯାଇଛି । ଆଜି ଭର ସକାଳୁ ସକାଳୁ ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା । ନଡ଼ିଆ,କଦଳୀ,ଫଳ,ଫୁଲ ନେଇ ମନ୍ଦିର କୁ ଆସିଥିଲେ । ରାମ ମନ୍ଦିର ପୂଜକ ଶ୍ୟାମ ସୁନ୍ଦର ଶତପଥୀ ଏବଂ ରାମ ରଥ ସମସ୍ତ ରୀତି ନୀତି ଅନୁଯାଇ ପୂଜା କାର୍ଯ୍ୟକ୍ରମ କରିଥିଲେ । ମନ୍ଦିର କମିଟି ର ଜି.ଗୌରୀ ଶଙ୍କର, ଜି.ମୋହନ ରାଓ, ଜି.ଚନ୍ଦ୍ର ସେଖେର, ଏସଶ ରାଓ, ନାଗେଶ ରାଓ, ଜି.ତିରୁମାଲା କୁମାର, ରଘୁନାଥ ଡାକୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସାହାଯ୍ୟ କରିଥିଲେ । ଏକ ହଜାର ରୁ ଉର୍ଦ୍ଧ ଭକ୍ତ ଙ୍କ ଲାଗି ଅନ୍ନ ପ୍ରସାଦ ର ବ୍ୟବସ୍ଥା କରାଯାଇଥିଲା । ଆପରାହ୍ନ ରେ ରାମ ଙ୍କ ବିବାହ କାର୍ଯ୍ୟ ପରେ ବିବାନ ଯୋଗେ ବିଷମ କଟକ ସହର ପରିକ୍ରମା କରାଯିବାର ବ୍ୟବସ୍ଥା ରହିଛି ।

## ଓଡ଼ଗାଁ ଗୁପ୍ତ ଅଯୋଧାରେ ଶ୍ରୀରାମ ନବମୀ

# ଜନ୍ମନାରାୟଣ ବେଶ ଦର୍ଶନ କଲେ ହଜାର ହଜାର ଭକ୍ତ



ଓଡ଼ଗାଁ, ( ମହାଭାରତ ) : ଯୁଗେ ଯୁଗେ ପାପର ବିନାଶ କରି ଓ ଧର୍ମ ସ୍ଥାପନା ପାଇଁ ମର୍ତ୍ତ୍ୟଲୋକରେ ଭଗବାନ ମାନବ ଅବତାର ନେଇଥାନ୍ତି। ପୃଥିବୀରେ ଅସୁର୍‌କୁ ଲୋପ କରି ଦେବ୍‌ର ସନ୍ତୁଳନ ରକ୍ଷା କରିଥାନ୍ତି ଭଗବାନ। ଚୈତ୍ର ଶୁକ୍ଳ ନବମୀ ତିଥିରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳନ ହୋଇଛି। ସ୍ୱର୍ଣ୍ଣକଳସ କ୍ଷେତ୍ର ତଥା ଗୁପ୍ତ ଅଯୋଧ୍ୟା ଓଡ଼ଗାଁ ଠାରେ ବିଜେ ଶ୍ରୀରଘୁନାଥ ଜିଉଙ୍କ ନଅ ଦିନ ଧରି ଚାଲିଥିବା ଗୁପ୍ତସେବା ବନକଲାଗି ଆଜି ସରିବା ପରେ ଚୈତ୍ର ଶୁକ୍ଳପକ୍ଷ ଅଶୋକାଷ୍ଟମୀ ତିଥିରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ନବଯୌବନ ବେଶକୁ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ମାନସିକଧାରୀ ଓ ଉପାସକମାନେ ପରମ ସୌଭାଗ୍ୟ ଅର୍ଜନ କରିଛନ୍ତି। ନବଦିନ ଯାତ୍ରା ଲାଗି ଓଡ଼ଗାଁ ସହର ଚଳଚଞ୍ଚଳ ହୋଇଉଠିଛି। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦୁଆ ଟାଣି ଛାୟାର ବ୍ୟବସ୍ଥା କରାଯାଇଛି। ପାଦ ନ ତାତିବା ଲାଗି ମନ୍ଦିର ବେଢ଼ାରେ ଧଳା ରଙ୍ଗର ପ୍ରଲେପ ଦିଆଯାଇଛି। ଭୋର୍ ମଙ୍ଗଳଆଳତି ସରିବା ପରେ ୭ଟାରେ ବଲ୍ଲଭଭୋଗ, ୮ଟା ୩୦ରେ ସକାଳ ଧୂପ ପରେ ୧୦ ଟା ୩୦ ମିନିଟଠାରୁ ରାମଜନ୍ମ କର୍ମ ଆରମ୍ଭ ନାଭୀ ଛେଦନ୍ ବିଧି କାର୍ଯ୍ୟ ହୋଇଥିଲା। ଅନ୍ୟାନ୍ୟ ନୀତି କାର୍ଯ୍ୟ ସମ୍ପାଦନ କରାଯାଇ ଅପରାହ୍ନରେ ମନ୍ଦିର ବନ୍ଦ ରହିବା ସହ ପୁନର୍ବାର ସନ୍ଧ୍ୟା ୬ଟା ୩୦ ବେଳେ ସର୍ବସାଧାରଣ ଲୋକଙ୍କୁ ପ୍ରଭୁ ଜନ୍ମନାରାୟଣ ବେଶରେ ଦର୍ଶନ ଦଉଛନ୍ତି। ଆଜିଠାରୁ ନଅ ଦିନ ବ୍ୟାପୀ ଶ୍ରୀରାମଙ୍କ ଅବତାର ବେଶ ଅନୁଷ୍ଠିତ ହେବାୟ ଏଥିପାଇଁ ଓଡ଼ଗାଁ ଚଳଚ□ଳ ହୋଇପଡ଼ିଛି। ୯ ଦିନ ବ୍ୟାପୀ ରାମନବମୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ର ସହିତ ଶେଷ କରିବାକୁ ପୁଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଯାତ୍ରା ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ, ଆଡିସନାଲ ଏସ୍ପି, ଜଣେ ଡିଏସ୍ପି, ଜଣେ ଇନ୍ସପେକ୍ଟର, ୮ ଜଣ ସବ୍-ଇନ୍ସପେକ୍ଟର ଓ ୮ ଜଣ ସାଦା ପୋଷାକଧାରୀ ପୁଲିସଙ୍କୁ ନିୟୋଜିତ କରାଯାଇଛି। ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କ ପୀଠ କେବଳ ଭାରତ କାହିଁକି ପୃଥିବୀ ପ୍ରସିଦ୍ଧୟ ବହୁ ପ୍ରାଚୀନ କାଳରେ ଓଡ଼ଗାଁ ଏକ ଘଞ୍□ ଜଙ୍ଗଲ ଥିଲା । କିମ୍ବଦନ୍ତୀ ରୁ ଜଣାଯାଏ, ଏହି ଜଙ୍ଗଲ ମଧ୍ୟରେ ଅତୀତର ଓଡ୍ର ଗ୍ରାମରେ ପୁରାଣ ବର୍ଣ୍ଣିତ ମୁନି ଅତ୍ରୀଙ୍କ ଆଶ୍ରମ ଥିଲା।ତ୍ରେୟା ଯୁଗରେ ପିତୃସତ୍ୟ ପାଳନ ନିମନ୍ତେ ଦଣ୍ଡକାରଣ୍ୟ ଯିବା ବାଟରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର, ଅନୁଜ ଲକ୍ଷ୍ମଣ, ମାତା ସୀତା ଏହି ଅତ୍ରୀ ମୁନିଙ୍କ ଆଶ୍ରମରେ ଆତିଥ୍ୟ ଗ୍ରହଣ କରି ତିନିଦିନ ଅବସ୍ଥାନ କରିଥିଲେ।ଦୀର୍ଘ ୧୪ ବର୍ଷ ବଣଜଙ୍ଗଲରେ ବିଭିଭ ବିପଦରୁ ରକ୍ଷା ପାଇବା ପାଇଁ ମୁନି ଉପଦେଶ ଦେବା ସହ ଅତ୍ରୀ ମୁନିଙ୍କର ସ୍ତ୍ରୀ ଅନସୂୟା ମା’ ସୀତାଙ୍କୁ ଅମ୍ଳାନ ବସ୍ତ୍ର ପ୍ରଦାନ କରିଥିଲେୟ ସୀତା ହେଉଛନ୍ତି ଲକ୍ଷ୍ମୀଙ୍କର ଅବତାର। ମହାମୁନିଙ୍କ ଅନୁରୋଧ ରକ୍ଷା କରି ପ୍ରଭୁ ଶ୍ରୀରାମ ଏହି ଓଡ଼ଗାଁରେ ବିଜେ କରି ଦୈନନ୍ଦିନ ପୂଜା ପାଇବା ନିମନ୍ତେ ଆଶୀର୍ବାଦ ପ୍ରଦାନ କରିଥିଲେ। ୧୪ବର୍ଷ ବନବାସ ସମୟରେ ମହାପ୍ରତାପୀ ରାବଣକୁ ସଂହାର କରି ସମାଜକୁ ମାନବଧର୍ମର ବାର୍ତ୍ତା ପ୍ରଦାନ କରିଥିଲେ। ଏଣୁ ସେହି ତ୍ରେତୟା କାଳରୁ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ମାତା ସୀତାଙ୍କର ତିନିଟି ଶାଳଗ୍ରାମ ଏହି ସ୍ଥାନରେ ରହି ପୂଜା ପାଇଆସୁଛନ୍ତି। ୧୭୬୩ ଖ୍ରୀଷ୍ଟାବ୍ଦରେ ନୟାଗଡ଼ ରାଜା ବୈରାଗୀ ପଟ୍ଟନାୟକଙ୍କୁ ସ୍ୱପ୍ନାଦେଶ କ୍ରମେ ଠାକୁରଙ୍କ ନିର୍ଦ୍ଦେଶମତେ ବର୍ତ୍ତମାନର ବିଗ୍ରହ ଦାରୁକାଷ୍ଠରେ ନିର୍ମିତ କରାଯାଇ ଓଡ଼ଗାଁରେ ପୂଜିତ ହେଉଛନ୍ତି। କିମ୍ବଦନ୍ତୀ ଅନୁସାରେ ଅତ୍ରୀମୁନିଙ୍କ ଯଜ୍ଞକୁଣ୍ଡ ଉପରେ ପ୍ରଭୁ ଶ୍ରୀରାମଙ୍କ ରତ୍ନ ସିଂହାସନ ନିର୍ମାଣ କରାଯାଇଛି। ତ୍ରେତୟା ଯୁଗଠାରୁ ମାଳତି ଫୁଲଗଛ ଟି ପାଦୁକ କୁଣ୍ଡଠାରେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି। ଶାକ୍ତ ବନବାସୀ ବେଶରେ ବିରାଜିତ ଦଣ୍ଡାୟମାନ ବିଗ୍ରହରେ ପ୍ରଭୁ ଓଡ଼ଗାଁରେ ପୂଜା ପାଉଛନ୍ତି। ଶ୍ରୀରଘୁନାଥଙ୍କର ଆଉ ଏକ ମହାତ୍ମ୍ୟ ରହିଛିୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ରଘୁନାଥ ମନ୍ଦିର ବେଢ଼ାରେ ରାମତାରକା ମନ୍ତ୍ର ଜପ କରି ୫୨ ଖଣ୍ଡ ପୁସ୍ତକ ରଚନା କରିଥିଲେ। ସେଥିରୁ ୩୬ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି। ଅବଶିଷ୍ଟ ପୁସ୍ତକ ତାଳପତ୍ର ପାଣ୍ଡୁଲିପି ଆକାରରେ ରହିଛି। ତାଙ୍କର ପ୍ରଥମ ପୁସ୍ତକ ବୈଦେହୀଶ ବିଳାଶ (ଶ୍ରୀରାମଙ୍କ ଲୀଳା) ଉପରେ ଉଦ୍ଦିଷ୍ଟ।

## ପାଟଣା ବିଡିଓ ଙ୍କ ଦ୍ୱାର ସ୍ୱାମ୍ ଗ୍ରାମରେ ସ୍ୱଚ୍ଛତା ଅଭିଯାନ



ପାଟଣା:(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ ପାଟଣା ପଞ୍ଚାୟତ ଅନ୍ତର୍ଗତ ସ୍ୱାମ୍ ଗ୍ରାମରେ ଓଡ଼ିଆ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମ ରେ ପାଟଣା ବିଡିଓ ମାନସ ଦଣ୍ଡପାଟ, ବିଜେପି ରାଜ୍ୟ ମହିଳା ପରିଷଦ ସଦସ୍ୟ ସୋମବାର ମୁଣ୍ଡା,ବିଜେପି ନେତା ସୁବ୍ରତ କୁମାର ଦିବେଦୀ, ପ୍ରକାଶ ଦାଶ, ବିରକିଶୋର ଦାଶ, ରାଜା ଦାଶ ଟିକୁ ଦାଶ, ରକି ଦାଶ ଏମ.ବି.କେ ବୀଣାପାଣି ମହାନ୍ତ ଙ୍କ ସହ ସ୍ୱାମ ଗ୍ରାମର ସମସ୍ତ ଗ୍ରାମବାସୀ ଙ୍କ ସହଯୋଗ ସ୍ୱାମ୍ ପାଲା ମଣ୍ଡପ ଠାରୁ ଶିବମନ୍ଦିର ପରିସର ସଫେଇ କରାଯିବା ସହ ଗ୍ରାମରେ ଥିବା ଡ୍ରେନକୁ ମଧ୍ୟ ସଫେଇ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଥିଲା।

## ଭାଲୁ ଆକ୍ରମଣରେ ବ୍ୟକ୍ତି ଆହତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନ୍ୟା□ଳ ଅନ୍ତର୍ଗତ ସ୍ୱାମ ରେ ଆଜି ସକାଳୁ ଜଣେ ବ୍ୟକ୍ତି ଭାଲୁ ୫ଆକ୍ରମଣ ରେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ମାର୍କଣ୍ଡ ମୁଣ୍ଡା ବୋଲି ଜଣାଯାଇ ଛି ।ସୂଚନା ରୁ ପ୍ରକାଶ ମାର୍କଣ୍ଡ ସକାଳୁ ବାହାରେ ଛିଡା ହୋଇଥିବା ବେଳେ ଭାଲୁ ଟି ଆକ୍ରମଣ କରିଥିଲା । ଆକ୍ରମଣ ରେ ବ୍ୟକ୍ତି ଜଣଙ୍କ ବାମଗୋଡ ଜଙ୍ଗରେ ଆହତ ହୋଇଛି। ବ୍ୟକ୍ତି ଜଣକ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉ ଥିବା ଜଣାପଡିଛି।

## ରାଇରଙ୍ଗପୁରରେ ୪୦ ତମ ମା’ ବାସନ୍ତିକ ପୂଜା

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ମେଡିକାଲ ଛକ ସ୍ଥିତ ପୂଜା ମଣ୍ଡପରେ ସାର୍ବଜନୀନ ମା’ ବାସନ୍ତୀ ପୂଜା କମିଟି, ରାଇରଙ୍ଗପୁର ଆନୁକୁଲ୍ୟରେ ୪୦ ତମ ମା’ ବାସନ୍ତିକ ତ୍ରିଦିନାତ୍ମକ ମଧୁ ପାର୍ବଣ ମୃଣ୍ମୟୀ ଦୋ ପୂଜା ଶୁଭାରମ୍ଭ ହୋଇଛି ।ଗୁରୁବାରଓ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ସୋମବାର ପର୍ଯ୍ୟନ୍ତ ପୂଜାକାର୍ଯ୍ୟ ଚାଲୁ ରହିବ । କାର୍ଯ୍ୟ ନିର୍ଘ□ ଅନୁଯାୟୀ ୩ ତାରିଖ ଗୁରୁବାର ଷଷ୍ଠୀ ଦିନ ସଂନ୍ଧ୍ୟାରେ ମା’ଙ୍କ ବିଲ୍ୱ ବ୍ରଣ,ବେଲ ବୃକ୍ଷ ଶୋଧନ,ମଣ୍ଡପ ସଂସ୍କାର,କୁଣ୍ଡ ମଣ୍ଡଳ ,୪ ତାରିଖ ଶୁକ୍ରବାର ସପ୍ତମୀ ଦିନସକାଳ ୮.୩୦ ଟାରେ କଳଶ ଯାତ୍ରା ଓ ଘଟ ଉତ୍ତୋଳନ ୧୦.୩୦ ରେ ପୂଜାରମ୍ଭ ନବ ପତ୍ରିକା ପ୍ରବେଶ ସପ୍ତମୀ ବିହିତ ବିଶେଷ ପୂଜା ,ଚଣ୍ଡୀପାଠ,ହୋମ, ପ୍ରସାଦ ସେବନ କରାଯାଇଥିଲା।ମୁଖ୍ୟ ପୂଜକ ଦେବବ୍ରତ ରଥ ମହାପାତ୍ର ,ସହଯୋଗୀ ଜନନ ରଞ୍ଜନ ଦାସ ଏବଂ ଅନ୍ୟମାନେ ପୂଜା କାର୍ଯ୍ୟକ୍ରମକୁ ରୀତିନୀତି ଅନୁସାରେ ଆଗେଇ ନେଇଥିବାବେଳେ କର୍ତ୍ତା ହିସାବରେ କୁନା ମହାନ୍ତ ଏବଂ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିଭାଇଛନ୍ତି। ଶ୍ରଦ୍ଧାଳୁମାନେ ନବ ପରିଧାନ କରି ଫଳ,ଫୁଲ ନୈବେଦ୍ୟ ନେଇ ଭୋଗରାଗ କରି ମା’ ଙ୍କ ପାଖରେ ପୂଜାର୍ଚ୍ଚନା କରି ପରିବାରର ଓ ସମାଜର ମଙ୍ଗଳ କାମନା ପ୍ରାର୍ଥନା କରୁଥିବା। ଲକ୍ଷ୍ୟ କରା ଯାଉଥିଲା ୟ୫



ତାରିଖ ଶନିବାର ଅଶୋକା ଅଷ୍ଟମୀ ଦିନ ମା’ ବାସନ୍ତିକ ଅଷ୍ଟମୀ ବିହିତ ବ୍ରତ ପୂଜନ, ମହାସ୍ନାନ,ଉପରାର୍ଚ୍ଚନ,ହୋମ ଏବଂ ରାତି ୭.୩୦ ଟାରେ ସନ୍ଧିପୂଜନ ; ୬ ତାରିଖ ରବିବାର ନବମୀ ଦିନ ସକାଳ୯.୩୦ ରେ ଶ୍ରୀରାମ ନବମୀ ବାସନ୍ତୀ ଦେବୀ ପୂଜନ,୧.୩୦ ରେ ନବ କୁମାରୀ ପୂଜା, ଚଣ୍ଡୀପାଠ,, ସଂନ୍ଧ୍ୟାରେ ରେ ହୋମ ଏବଂ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ; ୭ ତାରିଖ ସୋମବାର ଦଶମୀ ଦିନ ବିଜୟା ଦଶମୀ ଅପରାଜିତା ପୂଜା,ଦଶମୀ ବିହିତ ବିଶେଷ ପୂଜନ ଅପରାଜିତା ସ୍ତୋତ୍ରପଠନ,ମୂର୍ତ୍ତି ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।କାର୍ଯ୍ୟକ୍ରମକୁ କମିଟିର ସମସ୍ତ ସଦସ୍ୟ ପରିଚାଳନା କରୁଥିବାବେଳେ ଇଚିଣ୍ଡା ଗ୍ରାମବାସୀ , ଶ୍ରଦ୍ଧାଳୁମାନେ ସକ୍ରିୟ ସହଯୋଗ କରୁଥିବା ଜଣାପଡ଼ିଛି ।

## ଉଦଘାଟନ ପୂର୍ବରୁ ଭାଙ୍ଗିଲା ବ୍ରିଜ୍, ଗ୍ରାମବାସୀ କଲେ ରାସ୍ତା ଅବରୋଧ

ଅସ୍ତରଙ୍ଗ (ମହାଭାରତ): ଛୁରିଆନା ପଞ୍ଚାୟତ ର କାଦୁଆ ନଈ ଉପରେ ପାପିରା ରୁ ସୁନ୍ଦର କୁ ଯୋଡୁଥିବା ବ୍ରିଜ ଟି ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥା ରେ ରହିଥିବା ରୁ ଅଞ୍ଚଳ ବାସୀ ସେହି ବ୍ରିଜ ଉପରେ ଯିବା ଆସିବା କରିବାକୁ ଭୟ କରୁଛନ୍ତ । ପାପିରା ଗ୍ରାମ ବାସୀଙ୍କ ସୂଚନା ଅନୁସାରେ ଏହି ଦୁଇ ଗାଁ ଲୋକେ ଯିବା ଆସିବା ପାଇଁ ପୂର୍ବରୁ ସେହି ନଦୀ ଉପରେ ଏକ କାଠ ପୋଲ ଥିଲା କାଳକ୍ରମେ ରକ୍ଷଣା ବେକ୍ଷଣ ଅଭାବରୁ ତାହା ଭାଙ୍ଗି ଯିବାପରେ ସାଧାରଣ ଜନତା ଅତ୍ୟନ୍ତ ଦୟନୀୟ ଭାବରେ ପାଣିରେ ପଶି ବେଳେ ବେଳେ ଡ଼ଙ୍ଗା ପାର ହୋଇ ଯାତାୟତ କରୁଥିଲେ। ଯାତାୟତ ର ସୁବିଧା ପାଇଁ ସରକାର ଙ୍କୁ ବାରମ୍ବାର ଗୁହାରି କଲା ପରେ ଗତ ତିନି ବର୍ଷ ପୂର୍ବେ ନିର୍ମାଣ ଯାତାୟତ ପାଇଁ ଏକ ବ୍ରିଜ ନିର୍ମାଣ କରାଯାଇଥିଲା କିନ୍ତୁ ତିନି ବର୍ଷ ନ ପୂରୁଣୁ ତାହା ଭାଙ୍ଗି ରୁଜି ବିପଦ ସଂକୁଳ ହୋଇ ପଡିଚି। ବିଶେଷ କରି ବ୍ରିଜ ର କିଛି ଅଂଶ ଦବିଯାଇଥିବାରୁ ତାହା ଉପରେ ଯାତାୟତ କରିବା କରିବାକୁ ଲୋକେ ଭୟ କରୁଚନ୍ତି। ତେଣୁ ରବିବାର ଦିନ ପାପିରା ଗ୍ରାମ ବାସି ଏହି ବ୍ରିଜ ଉପରେ ଯାତାୟତ କୁ ବାରଣ କରି ବାଉଁଶ ବାନ୍ଧି ସିମେଣ୍ଟ ଖୁଣ୍ଟ ପକାଇ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀ ଆହୁରି ଗୋଟେ ସଂଗୀନ ଅଭିଯୋଗ କରିଛନ୍ତି ବ୍ରିଜ କାମ ର କୌଣସି ନାମ ଫଳକ ନଥିବା ବେଳେ ଲୁଣି ପାଣି ଏବଂ ସମୁଦ୍ର ବାଲି ରେ ଲେଇ ପକାଯାଇଛି ସେ ସମୟରେ ଠିକାଦାର, ଅଫିସର ଙ୍କୁ ଜଣେଇଲା ପରେ କେହି ଶୁଣିନଥିଲେ ଯାହାର ପରିଣାମ ସାଧାରଣ ଜନତା ଭୋଗୁଛନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ବ୍ରିଜ ରେ ହୋଇଥିବା ଅନିୟମିତତା କୁ ସାମ୍ନା ଆଣିବା ସହିତ ମରାମତି କରି ଯାତାୟତ ଉପଯୋଗୀ କରିବା ପାଇଁ ପାପିରା ଗ୍ରାମର ଉମାକାନ୍ତ ମଳିକ, ସୁକାନ୍ତ ମହାନ୍ତି ପ୍ରଭାତ ବାରିକ ବିମ୍ବାଧର ବାରିକ ଦାବି କରିଛନ୍ତି।

## ଉମରକୋଟ ପ୍ରସିଦ୍ଧ ମା ଜଗତଜନନୀ ଙ୍କ ନବଦିନ ଯାତ୍ରା ରେ ପରମ୍ପରା ପାଳୁଛନ୍ତି ସିଂ ପରିବାର



ଉମରକୋଟ- (ମହାଭାରତ) ଉମରକୋଟ ପ୍ରସିଦ୍ଧ ମା ଜଗତଜନନୀ ଙ୍କ ନବଦିନ ଯାତ୍ରା ରେ ପରମ୍ପରା ପାଳୁଛନ୍ତି ସିଂ ପରିବାର , କାଳୀଙ୍କ ବେଶ ରେ କରୁଛନ୍ତି ସହର ପରିକ୍ରମାୟ କିମ୍ବଦନ୍ତୀ ଅନୁସାରେ ଦୀର୍ଘ ବର୍ଷ ତଳେ ଯେଉଁ ସମୟରେ କି ଉମରକୋଟ ସହର ରେ ମା ଠାକୁରାଣୀ ଙ୍କ ଯାତ୍ରା ପାଳିତ ହେଉନଥିଲା ସେହି ସମୟରେ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ସିଂ (ରାଜି ବାବୁ )ଙ୍କ ପିତା ସ୍ୱର୍ଗତ ଭରତ ସିଂ ଭୟଙ୍କର ବସନ୍ତ ରୋଗ ରେ ଆକାନ୍ତ ହେଲେ ଏପରି ଅବସ୍ଥା ହେଲା ଯେ ତାଙ୍କୁ କଦଳୀ ପତ୍ରରେ ଶୁଆଇ ଦିଆଗଲା । ଏହା ଦେଖି ସ୍ୱର୍ଗତ ରାଜି ବାବୁଙ୍କ ମାତା ସ୍ୱର୍ଗତ ପଦ୍ମବତୀ ମା ଠାକୁରାଣୀ ଙ୍କୁ ପୁଅର ଶୁଭ ମନାସି ମାନସିକ କଲେ ପୁଅ ସୁସ୍ଥ ହେଲେ ସେ ଉମରକୋଟରେ ଠାକୁରାଣୀ ଙ୍କ ଯାତ୍ରା ପାଳନ କରିବା ସାଥେ ସାଥେ ମା କାଳୀ ଭେଷ ମଣ୍ଡପ ରେ ବାହାର କରିବେୟ ତାଙ୍କରି କଥାରେ ମା ଠାକୁରାଣୀ ସନ୍ତୁଷ୍ଟ ହୋଇ ତାଙ୍କ ପୁଅ ଭରତ ସିଂ ଙ୍କୁ ବସନ୍ତ ରୋଗ ରୁ ମୁକ୍ତ କଲେ ସେହି ବର୍ଷ ଠାରୁ ନିଜେ ଭରତ ସିଂ କୋଟପାଡ଼ ଯାଇ ମା ଠାକୁରାଣୀ ମନ୍ଦିରରୁ ଆଜ୍ଞାମାଳ ଆଣି ଘଟହାଣ୍ଡି ସ୍ଥାପନ କରିବା ସହ ପୂଜା କଲେ। ଯେଉଁ ଘଟହାଣ୍ଡି ପରଦେଶୀଣି ମା ନାମରେ ଆଜି ପର୍ଯ୍ୟନ୍ତ ପୂଜା ପାଉଛନ୍ତି। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ଯାତ୍ରା ଆରମ୍ଭର ଶୁକ୍ରବାର ଠାରୁ ସୋମବାର ପର୍ଯ୍ୟନ୍ତ ମା ଙ୍କ ମଣ୍ଡପରେ ୪ ଟି ରୂପ ରେ ଶୁକ୍ରବାର ଦିନ ଜୁଳି ଜୁଳିଆ ହାଣ୍ଡି, ଶନିବାର ଶୂନ୍ୟ ହାଣ୍ଡି, ରବିବାର କାଣ୍ଡ ଗଳା, ସୋମବାର ପ୍ରଭା ( କାଳୀ )ତାଙ୍କ ପରିବାର ମା ଙ୍କ ବେଶ ଧାରଣା କରି ମା ଙ୍କୁ ଭେଟ ହୁଅନ୍ତି ପୁନଃରୂପୀ ରବିବାର ଦିନ ରାଜି ବାବୁ ଙ୍କ ଜାମାତା ତ୍ରିନାଥ ପରିଚ୍ଛା ଙ୍କ ଘରୁ ମା କାଳୀ ଙ୍କ ବେଶ ବାହାର କରି ସହର ପରିକ୍ରମା କରନ୍ତି ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ବଜାୟରହିଛି।

## ପାରାଦୀପ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ



ପାରାଦୀପ(ମହାଭାରତ) ପାରାଦୀପ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ କବିତା ପାଠୋତ୍ସବ ରବିବାର ଦିନ ପାରାଦୀପ ସ୍ଥିତ ବିଜୁ ପଟନାୟକ ମେମୋରିଆଲ ଟ୍ରଷ୍ଟ ସଭା ଗୃହରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କବୟତ୍ରୀ ଅପର୍ଣ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ରବି ସ୍ୱାଇଁ, ରବି ପଣ୍ଡା, କବି ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର, ସ୍ତମ୍ଭକାର ଅକ୍ଷୟ ରାଉତ, କ୍ୟାନମାସ ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୋଜକ ମାନଙ୍କର ଏପରି ସଫଳ କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ । ସଂସଦ ର ସଭାନେତ୍ରୀ ସବିତା ମହାପାତ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ ରାଉତ ବିବରଣୀ ଉପସ୍ଥାପନ କରିଥିଲେ ଏବଂ କବି ନଗେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ।ରାଜ୍ୟ ର ବିଭିନ୍ନ ସ୍ଥାନରୁ ଆସିଥିବା କବି ଓ କବୟତ୍ରୀ ମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଭା ଓ ଉପସ୍ଥିତ ଅତିଥି ମାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆସିକା ରେ ବିଶ୍ ହିନ୍ଦୁ ପରିଷଦ ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ପ୍ରସାଦ ସେବନ



ଆସିକା (ମହାଭାରତ) ଆଜି ହେଉଛି ପବିତ୍ର ଶ୍ରୀ ରାମନବମୀ । ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଦିନ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଆସିକା ବିଶ୍ ହିନ୍ଦୁ ପରିଷଦ ପକ୍ଷରୁ ଅତ୍ୟନ୍ତ ଧୁମ୍ ଧାମର ସହିତ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ବିଶ୍ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀ ରାମ ଜୟନ୍ତୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ପୁଡୁଗେଶ୍ୱର ମନ୍ଦିର ପାଖରୁ ବାହାରି ଆସିକା ରଘୁନାଥ ନଗର ସ୍ଥିତ ରଘୁନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରା ମକୁନ୍ଦ ପୁର ନୂଆଗାଁ ବାବନ ପୁର ହୋଇ ଆସିକା କଳିଙ୍ଗ ରୋଡ , ଆସିକା ବସଷ୍ଟାଣ୍ଡ ଓ ଲକ୍ଷ୍ମୀ ବଜାର ହୋଇ ଓଡ଼ିଆ ସାହି ତାଲୁକା ଦେଇ ଲଛମନ ପଲ୍ଲୀରେ ଶେଷ ହୋଇଥିଲା । ରାମ ନବମୀ ଅବସରରେ ଅଞ୍ଚଳର ପାଞ୍ଚଟି ରାମ ମନ୍ଦିରରେ ବିଶ୍ ହିନ୍ଦୁ ପରିଷଦ ପକ୍ଷରୁ ପୂଜାର୍ଚ୍ଚନା କରଥିଲେ । ହିନ୍ଦୁ ମାନଙ୍କ ଆରାଧ ପ୍ରଭୁ ରାମଙ୍କ ଜନ୍ମ ଉତ୍ସବ ପାଳନ ପାଇଁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି । ରାମ ନବମୀ ଅବସରରେ କଳିଙ୍ଗ ରୋଡ଼ ସ୍ଥିତ ରଘୁନାଥ ମନ୍ଦିର ଠାରେ ଅନ୍ନଯଜ୍ଞ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପକ୍ଷରୁ କାର୍ତ୍ତିକେଶ୍ୱର ପୋଲାଇ, ଦିଲ୍ଲୀପ କୁମାର ଶତପଥୀ ଙ୍କ ସମେତ ବହୁ ଭକ୍ତ ସାମିଲ ଥିଲେ।

## ଗଜପତି ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ



ଗଜପତି(ମହାଭାରତ): କ୍ରୀଡ଼ା ଓ ଯୁବା ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ଗଜପତି ପକ୍ଷରୁ ଓଡ଼ିଆ ପକ୍ଷ ଐତିହ୍ୟ ଗଣଦୌଡ ଆଜି ଗୁଣ୍ଡିଚା ମନ୍ଦିର ଠାରୁ ବି.ଏନ. ପେଲେସ ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେୟ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ଓ ଭାଷା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ , ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଣ ଐତିହ୍ୟ ଦୌଡ଼ରେ ସାମିଲ କରାଯାଇଥିଲା । ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ଜିଲ୍ଲା ଓ ରାଜ୍ୟର ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା ,ଏହି ଗଣ ଦୌଡ଼ ଦ୍ୱାର ଯୁବକ ଯୁବତୀ ମାନଙ୍କ ଶାରୀରିକ ଏଂ ମାନସିକ ସୁସ୍ଥ ତାକୁ ପ୍ରୋତ୍ସାହିତ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ କମଳାକାନ୍ତ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶାରିରୀକ କ୍ରୀଡ଼ା ଅଧିକାରୀ ଶ୍ରୀ ସୁରେନ୍ଦ୍ର ପାତ୍ର ସମେତ ବିଭିନ୍ନ ବିଭାଗର ଅଧିକାରୀ ଛାତ୍ରଛାତ୍ରୀ ପ୍ରମୁଖ ସାମିଲ କରାଯାଇଥିଲା।

# ସାମ୍ବାଦିକଙ୍କ ତରଫରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ, (ନି.ପ୍ର):** ରମେଶ ବାବୁ ଜଣେ କର୍ତ୍ତବ୍ୟ ପରାୟଣ, ନୀତିବାନ, ସଚୋଟ ଦକ୍ଷ, ମେଳାପୀ ଓ ପରିଶ୍ରମୀ ବ୍ୟକ୍ତି ଅଟନ୍ତି ଦୀର୍ଘ ଦିନ ଚାକିରୀ ପରେ ଭଦ୍ରକକୁ ସେ ଯେପରି ଭଲ ପାଇବା ଦେଇଛନ୍ତି ସେହିପରି ଭଦ୍ରକ ବାସୀ ତାଙ୍କୁ ଭଲ ପାଇବା ଦେଇଛି। ଯାହାକି ଏହି ସମ୍ବର୍ଦ୍ଧନା ଉତ୍ସବରୁ ଜଣାଯାଉଛି ବୋଲି ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅବସର ଗ୍ରହଣ ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନ ଠାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ତରଫରୁ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କହିଲେ ପ୍ରତ୍ୟେକ ବ୍ୟକ୍ତି ନିଜର ନେତୃତ୍ୱକୁ ଠିକ୍ ଭାବେ ଚିହ୍ନିଥାନ୍ତି। କିନ୍ତୁ ସେହି ବ୍ୟକ୍ତିର କାର୍ଯ୍ୟଧାରା ଓ କର୍ମକୁଶଳତାକୁ ଅନ୍ୟମାନେ ସଠିକ୍ ଭାବେ ଚିହ୍ନିଥାନ୍ତି। ଜଣେ ସରକାରୀ କର୍ମଚାରୀ ଭାବରେ ନୁହେଁ ଆଦର୍ଶ ଓ କର୍ମନିଷ୍ଠ ମଣିଷ ଭାବରେ ସେ ନିଜର ଦାୟିତ୍ୱ ସୂଚାରୁ ରୂପେ ସଂପନ୍ନ କରିଛନ୍ତି। ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟ ଜନସାଧାରଣଙ୍କ ନିକଟରେ ପହ ?ଞ୍ଚାଇଛନ୍ତି। କାର୍ଯ୍ୟାଳୟର କର୍ମଚାରୀ ଅଭାବ ସତ୍ତ୍ୱେ ସେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ କାର୍ଯ୍ୟ ସୂଚାରୁ ରୂପେ କରୁଥିବାରୁ ଜିଲ୍ଲା ପ୍ରଶାସନ, ଜନସାଧାରଣ ଓ ସାମ୍ବାଦିକମାନଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟର ଗବେଷକ ଡ. ଶଶଧର ଦାସ ସୂଚନା ଓ ଲୋକସଂପର୍କ ଅଧିକାରୀ ହେଉଛନ୍ତି ଜିଲ୍ଲା ପ୍ରଶାସନର ମୁଖପାତ୍ର। ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାନ୍ତି ସାମ୍ବାଦିକମାନେ। ଶ୍ରୀ ନାୟକ କେବଳ ଜଣେ ଭଲ ମଣିଷ ନଥିଲେ। ସଚ୍ଚୋଟ ଅଧିକାରୀ ଭାବେ ସେ ସ୍ମରଣୀୟ ହୋଇ ରହିବେ ବୋଲି ଡ. ଦାସ କହିଥିଲେ। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ତଥା ଆଇନ୍‌ଜୀବୀ ଅତିଶ କୁମାର ବେହେରା ସଭାପତିତ୍ୱ କରିଥିବାବଳେ ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ରବିନାରାୟଣ ଖିଲାର। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ତରଫରୁ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ନାୟକଙ୍କ ସହ ତାଙ୍କ ଧର୍ମପତ୍ନୀ, ପରିବାର ବର୍ଗଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାୟ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଡିଆଇପିଆରଓ କାର୍ତ୍ତିକନାଥ ମଣ୍ଡଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ସାମଲ, ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରତାପ ଦାସ, ପ୍ରମୋଦ ରାୟ, ସ୍ମୃତିରଂଜନ ସାହୁ, ନରେନ୍ଦ୍ର ସାମଲ, ପାର୍ଥ ସାରଥୀ ନାୟକ, ରୂପକ ରାୟ, ତପନ ପ୍ରଧାନ, ପ୍ରିୟଦର୍ଶନ ବୋଇତି, ସନାତନ ରାଉତ, ପ୍ରଭାତ ଦାସ ପ୍ରମୁଖ ଶ୍ରୀ ନାୟକଙ୍କ ଦାୟିତ୍ୱ ବହନରେ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ସଂପର୍କରେ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ସମ୍ବାଦିକ ଗୌରହରି ନାୟକ ମାନପତ୍ର ପାଠ କରିଥିବାବଳେ ସଂଜୀବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶାନ୍ତନୁ ପଣ୍ଡା, ରାଜୁ ଜେନା, ଜ୍ଞାନ ପାଣି, ରାଜେଶ ଦାସ, ଶୁଭଦୀପ ମଲ୍ଲିକ, ରାମନାରାୟଣ ମହାନ୍ତି, ଅବଦୁଲ ଫିରୋଜ ଖାଁ, ସୁଜୟ ପାକଳ, ଆଲୋକ ନାୟକ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ତ୍ରୟୋବିଂଶ ବାର୍ଷିକୋତ୍ସବ ପାଳିତ



**ନୂଆପଡା, (ନି.ପ୍ର):** କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ସ୍ଥିତ ଶିଶୁମନ୍ଦିର ର ତ୍ରୟୋବିଂଶ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରସନ୍ନ ପାଢ଼ୀ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗର ସମ୍ପାଦକ ରୁଦ୍ର ମାଧବ ବାରିକ ଯୋଗଦାନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ପୁରନମାଳ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଉତ୍ସବ ରେ ସର୍ବୋଚ୍ଚ ପ୍ରାପ୍ତାଙ୍କ, ସର୍ବାଧିକ ଉପସ୍ଥାନ, ବୃତ୍ତି ପାଇଥିବା ଛାତ୍ରଛାତ୍ରୀ, ସର୍ବୋପରି ନବୋଦୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନରେନ୍ଦ୍ର ଭାଇ ଓ ସନ୍ତୋଷିନୀ ଭଉଣୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପରିଚାଳନା ସମିତିର ସଦସ୍ୟ ଗଣ, ଆଚାର୍ଯ୍ୟ /ଆଚାର୍ଯ୍ୟାଙ୍କ ସମେତ ବିଶ୍ୱମ୍ଭର ରାଉତରାୟ, ମନିଜର ଆର୍ଯ୍ୟ ସଭା ପରିଚାଳନା ରେ ସହଯୋଗ କରିଥିଲେ।

# ସମାଜରୁ ଅନ୍ଧ ବିଶ୍ୱାସ ଦୂରୀକରଣ ସହ ମଦ୍ୟପାନ ନିଷେଧ ଉପରେ ଗୁରୁତ୍ୱାରୋପ

**ନୂଆପଡ଼ା, (ନି.ପ୍ର):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଭୂର୍କାଧୋଡା ବୁଢାଦେଓ ଗୋଷ୍ଠି ଗୃହ ଠାରେ ଗୋଣ୍ଡ ସାଂସ୍କୃତିକ ସମାଜର ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ସଭାପତି ଭଗବାନ ସିଂ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ଉପସଭାପତି ସନ୍ତୁ ରାମ ମାଝି, ସମ୍ପାଦକ ଚମ୍ପା ଲାଲ ମାଝି, ସହ-ସମ୍ପାଦକ ଟିକେରାମ ମାଝି, ଉପ ସଭାନେତ୍ରୀ ପଙ୍କଜିନୀ ମାଝି, ସୁମିତ୍ରା ମାଝି, ଗୀତା ମାଝି, କୋଷାଧକ୍ଷ ଅର୍ଜୁନ ମାଝି ପ୍ରମୁଖ ଯୋଗଦେଇ ସମାଜ ଗଠନର ଲକ୍ଷ ଓ ଆଭିମୁଖ୍ୟ ଉପରେ ବିଶଦ ଭାବେ ଆଲୋଚନା କରି ବୁଝାଇ ଥିଲେ। ସମାଜରୁ ଅନ୍ଧ ବିଶ୍ୱାସ ଦୁରି କରଣ, ମଦ୍ୟ ପାନ ନିଷେଧ, ନାରୀ ଶିକ୍ଷାର ପ୍ରସାର, ନୂତନ ପିଢ଼ି ପାଇଁ ନବଜାଗରଣ ଆଣି ଏକ ସୁସ୍ଥ,ସମୃଦ୍ଧ ଓ ଶିକ୍ଷିତ ସମାଜର ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇ ଥିଲା। ଅବସରରେ ବିଭିନ୍ନ ସର୍କଲ ସଭାପତି ଯୋଗଦାନ୍ କରିଥିଲେ ଲଖନା ସର୍କଲ ସଭାପତି ରାଜେନ୍ଦ୍ର ମାଝୀ, ସମରସିଂ ଯୋଗ ମାଝି, ମୁଣ୍ଡାପଲା ମନୁଧର ମାଝି, ସାହଜେଟ ଭାଗିରଥି ମାଝି, ଦାନୋଝୋଲା ବିରଞ୍ଚି ମାଝି, ମେଣ୍ଟାଟାଲ ଟିପଚନ୍ଦ ମାଝି, ଭେଲା ଲକ୍ଷ୍ମଣ ମାଝି, ନବ ଗଠିତ ଭେଲା ତୁଲାରାମ ମାଝି, ମିଛାପାଲି ଅନୁପ ସିଂ ମାଝି, ଠୋଙ୍ଗୋ ବଂଶୀଧର ମାଝି, ଢୋରଲାମୁଣ୍ଡା ଭଜ ମାଝି, ଛତା ରାଜୁ ମାଝି, ଦିଆମଣ୍ଡା ଚନ୍ଦ୍ର ଧରୁଆ, ଅନୁପଗଡ ଲଛିନ୍ଦ୍ର ମାଝି, ପେଣ୍ଡରାବନ ଦୁଲୁ ରାମ ମାଝି, ସିଆଲଟି ଲାଇବାନୋ ସୋରୀ, ସୁଆବାହାଲ ପାରେଶ୍ୱର୍ ମାଝି, ଦର୍ଲିପଡା ଦୁର୍ଗା ପ୍ରସାଦ ମାଝୀ, ଗାଡିବେଡ଼ା ଶ୍ରୀପାଲ ମାଝି , ଅଗ୍ରେନ ସତ୍ୟାନନ୍ଦ ମାଝି, ଖଇରଭାଡ଼ି କୀର୍ତ୍ତନ ମାଝି। ସମାଜ ଦୂତ ହେମ ରାମ ମାଝି ଓ ଭୋଲା ସିଂ ମାଝି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।



# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,(ନି.ପ୍ର):** ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ଊନବିଂଶତମ ବାର୍ଷିକ ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ଗୌରୀଶଙ୍କର ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁସାହିତ୍ୟିକା ଡ. ପ୍ରୀତିପ୍ରତିଭା ଭୋଳ, ବିଶିଷ୍ଟ ଅତିଥି ପ୍ରାକ୍ତନ ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ପରିଡା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିଶାକର ମୁଦୁଲି, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ଓ ସଂଗଠନର ପ୍ରତିଷ୍ଠାତା ଆବାହକ ମନ୍ମଥ କୁମାର ରାୟ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର "ସାୟଂପ୍ରଭା"ର ଚତୁର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପୂଜ୍ୟପୂଜାର ସମ୍ମାନ ସ୍ୱରୂପ ବରିଷ୍ଠ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ପରିଦର୍ଶକ ନିଶାକର ମୁଦୁଲି, ବରିଷ୍ଠ ସଭ୍ୟ ଗୌରାଙ୍ଗ ଚରଣ ଶତପଥୀ, ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ବୃତ୍ତି ଶିକ୍ଷକ ପର୍ଶୁରାମ ପୃଷ୍ଟି, ନୀଳମାଧବ ରାଉତ, ସୁବାଷ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ମନ୍ତ୍ରୀ, ଉପସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ଅନାମ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କାମପାଳ ଜେନା, ଅକ୍ଷୟ କୁମାର ସ୍ୱାଇଁ, ଦାଶରଥୀ ନାୟକ, ନିରଞ୍ଜନ ପୋଥାଳ, ନିରଞ୍ଜନ ସାମଲ, ସନାତନ ତରାଇ, ନିରଞ୍ଜନ ନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ, ସୋମନାଥ ପଢିହାରୀ, ସଞ୍ଜୟ କୁମାର ଆଚାର୍ଯ୍ୟ, ନରୋତ୍ତମ ବେହେରା, ନରହରି ପାତ୍ର, ତ୍ରୈଲୋକ୍ୟ ସ୍ୱାଇଁ, ଅଜୟ ପରିଡା, ମାଗୁଣି ବିଶ୍ୱାଳ, ନନ୍ଦକିଶୋର ସ୍ୱାଇଁ, ପାବନି କୁମାର ରାଉତ, ବାଉରୀବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପତ୍ରିକା ସମ୍ପାଦକ କାଶୀନାଥ ରାଉତରାୟ, ଦୋଳଗୋବିନ୍ଦ ସାହୁ, ଅନାମ ଚରଣ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟ ବିଜୟ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡିଛୁଆଁ ଉତ୍ସବ



**କାମାକ୍ଷାନଗର, (ନିପ୍ର) :** କାମାକ୍ଷାନଗର ବ୍ଲକ ବାଇସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ବିଶିଷ୍ଟ ଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାୟକ, ବିଡିଓ ପ୍ରଭୁ କଲ୍ୟାଣ ଦାସ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପବିତ୍ର ମୋହନ ବିଶ୍ୱାଳ, ବାଇସିଂଙ୍ଗା ସରପଂଚ ସନ୍ତୋଷ ସାହୁ, ସମିତି ସଭ୍ୟ ଜିତେନ୍ଦ୍ରିୟ ବିଶ୍ୱା, କୃଷ୍ଣଚନ୍ଦ୍ର ଭୋଇ, ଅମ୍ବିକା ସାହୁ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ପିଲାମାନଙ୍କୁ ବ୍ୟାଗ, ଖେଳନା ଆଦି ପ୍ରଦାନ ପୂର୍ବକୁ ଉତ୍ସାହିତ କରାଯାଇ ଖଡିଧରି କଳାପଟାରେ ଅକ୍ଷର ଲେଖା ଆରମ୍ଭ କରାଯାଇଥିଲା। ବାଇସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ମଂଚ ପରିଚାଳନା କରିଥିଲେ। କାମାକ୍ଷାନଗର ଏନ୍‌ଏସିରେ ଥିବା ବହୁ ପୁରାତନ ଶିକ୍ଷାନୁଷ୍ଠାନ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ପାଳନ ହୋଇଥିଲା। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠି ଉପସ୍ଥିତ ଥିଲେ। ଏଠାରେ ବିଦ୍ୟାଳୟକୁ ପ୍ରଥମକରି ଆସିଥିବା କଳିକାମାନଙ୍କୁ ଖଡିଛୁଆଁ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଞ୍ଜର ଓ ରୋଭର ୟୁନିଟ ପକ୍ଷରୁ ଅଂଶୁଘାତ ସଚେତନତା




**ଧର୍ମଶାଳା,(ନି.ପ୍ର):** ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ ବୁଧବାର ପୂର୍ବାହ୍ନରେ ରେଞ୍ଜର ଓ ରୋଭର ୟୁନିଟ ପକ୍ଷରୁ ଅଂଶୁଘାତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାରେ ରେଞ୍ଜର ଲିଡର ପ୍ରଧାପିକା ଡକ୍ଟର ଆରତୀ ଶତପଥୀ, ଅଧାପିକା ସସ୍ମିତା ପଣ୍ଡା ଓ ରୋଭର ଲିଡର ବସନ୍ତ ତରାଇ, ସତ୍ୟସାଗର ମହାନ୍ତି ପ୍ରମୁଖ ଯୋଗଦେଇ ରେଞ୍ଜର ରୋଭର ଛାତ୍ରଛାତ୍ରୀଙ୍କୁ ଅଂଶୁଘାତ ସଚେତନତା ଉପରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଗ୍ରୀଷ୍ମ ରୁଦ୍ରତାପକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟ ପକ୍ଷରୁ ଏକ ଅଂଶୁଘାତ ସଚେତନତା ଶୋଭାଯାତ୍ରା ରେଞ୍ଜର ଓ ରୋଭର ଛାତ୍ରଛାତ୍ରୀଙ୍କୁ ନେଇ କଲେଜ ପରିସରରୁ ବାହାରି ଜାରକା ବଜାର ପରିକ୍ରମା କରିଥିଲେ। ବଜାର ପରିକ୍ରମା ପରେ କଲେଜ ସମ୍ମୁଖରେ ଏକ ଜଳଛତ୍ର କାର୍ଯକ୍ରମ ଅଧକ୍ଷ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହେଇଥିଲା। ରେଞ୍ଜର ଓ ରୋଭର ଛାତ୍ରଛାତ୍ରୀମାନେ ପଥଚାରୀ ମାନଙ୍କୁ ଦହିପଣା ପ୍ରଦାନ କରିଥିଲେ। ଆସନ୍ତାକାଲି ଜାରକା ଫ୍ଲାଏ ଓଭର ବ୍ରିଜ ତଳେ ରେଞ୍ଜର ଓ ରୋଭର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜଳଛତ୍ର କାର୍ଯକ୍ରମ ଅନୁଷ୍ଠିତ ହେବବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ, ବେଦାନ୍ତ ଲୁହା ପଥର ଓଡ଼ିଶା ସାମୁଦାୟିକ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର,୬।୪ (ମହାଭାରତ):** ଡବ୍ଲୁଏଚଓର ୭୭ ତମ ବାର୍ଷିକୀ ପାଳନ କରିବା ପାଇଁ, ସଂଗଠନ ୨୦୨୫ ବିଶ୍ୱ ସ୍ୱାସ୍ଥ୍ୟ ଦିବସକୁ 'ସୁସ୍ଥ ଆରମ୍ଭ, ଆଶାୟୀ ଭବିଷ୍ୟତ' ଭାବରେ ନାମିତ କରିଛି। ଏହି ଅଭିଯାନ ସରକାର ଏବଂ ସ୍ୱାସ୍ଥ୍ୟ ସଂପ୍ରଦାୟକୁ ମାତୃ ସ୍ୱାସ୍ଥ୍ୟ ସେବା ପ୍ରତି ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ଏବଂ ମହିଳାମାନଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବାକୁ ଅନୁରୋଧ କରେ। ସାମାଜିକ ପ୍ରଗତିରେ ସ୍ୱାସ୍ଥ୍ୟକୁ ଏକ ପ୍ରମୁଖ ବାହକ ଭାବରେ ଚିହ୍ନଟ କରି ବେଦାନ୍ତ ଆଇରନ୍ ଓର ଓଡ଼ିଶା (ଆଇଓଓ) ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ସଂପ୍ରଦାୟଗୁଡ଼ିକୁ ସହଭାଗୀ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରକଳ୍ପ ମାଧ୍ୟମରେ, ବେଦାନ୍ତ ଆଇଓଓ ଅନେକ ପଦକ୍ଷେପ ମାଧ୍ୟମରେ ସଂପ୍ରଦାୟଗୁଡ଼ିକୁ ସହଭାଗୀ କରେ ଯାହା ସାମୁଦାୟିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ଏବଂ ପରିବର୍ତ୍ତନକାରୀ ପ୍ରଭାବ ପକାଇଛି। ବେଦାନ୍ତ ଆଇଓଓର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) କୋଇରା ଏବଂ ଆଖପାଖରେ ସଂପ୍ରଦାୟ ସଦସ୍ୟମାନଙ୍କୁ ମୌଳିକ ଚିକିତ୍ସା ସେବା ପ୍ରଦାନ କରେ। ଏହି ସୁବିଧା ନଦୀଧି ଏବଂ ରେଙ୍ଗାଲବେଡା ଭଳି ଦୂରଦୂରାନ୍ତ ଅଂଚଳର ମୌଳିକ ଚିକତ୍ସା ଆବଶ୍ୟକତା ପୂରଣ କରିବାରେ ସହାୟକ। ଗତ ବର୍ଷ ମଧ୍ୟରେ, ଏମଏଚୟୁରେ ପ୍ରାୟ ୧୭,୦୦୦ ଲୋକଙ୍କ ସଂଖ୍ୟା ଥିଲା। ସଂପ୍ରତି କଂପାନୀ ଏକ ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ଶିବିର ଏବଂ ଚଷମା ବଂଟନ ମଧ୍ୟ ଆୟୋଜନ କରିଥିଲା, ଯାହା ୮୦୦ ରୁ ଅଧିକ ସଂପ୍ରଦାୟ ସଦସ୍ୟଙ୍କୁ ଉପକୃତ କରିଥିଲା। କଂପାନୀର ଏକ ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ଅଛି ଯାହା ସଂପ୍ରଦାୟ ସଦସ୍ୟଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ପାଇବା ପାଇଁ ୨୪ ଘଂଟା ଖୋଲା ରହିଥାଏ। ବେଦାନ୍ତ ଆଇଓଓ ଗଭବର୍ତ୍ତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଏବଂ ସର୍ଭାଇକାଲ୍ କର୍କଟ, ପ୍ରସୂତି ସମ୍ବନ୍ଧୀୟ ସମସ୍ୟା, ଋତୁସ୍ରାବ ସ୍ୱାସ୍ଥ୍ୟ, ଜୀବନଶୈଳୀ ପରିଚାଳନା, ସ୍ତ୍ରୀ ରୋଗ ଇତ୍ୟାଦି ଉପରେ ସ୍ୱତନ୍ତ୍ର ସଚେତନତା ଅଧିବେଶନ ଆୟୋଜନ କରି ମହିଳା ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇଥାଏ।

# ଥମସ ଅପ ଏକ୍ସଫୋର୍ସର ଜେପଟସ୍ ଉପରେ ଅଲ ଥଣ୍ଡର

**ଭୁବନେଶ୍ୱର,୬।୪ (ମହାଭାରତ):** ଥମସ ଅପ, କୋକା-କୋଲା ଭାରତର ଆଇକନିକ୍ ବିଲିୟନ ଡ଼ଲାର ଘରୋଇ ବିକଶିତ ବ୍ରାଣ୍ଡ,ଏହାର ସଦ୍ୟ ବୁନ୍ଦା ଥମସ ଅପ ଏକ୍ସଫୋର୍ସ ସହିତ ନୋ ସୁଗାର ମୃଦୁପାନୀୟର ସ୍ଥାନକୁ ପୁନଃସଂଜ୍ଞା ପ୍ରଦାନ ପାଇଁ ସମସ୍ତ ବ୍ୟବସ୍ଥା ଜାରି ରଖିଛି। ପାୱାର ପ୍ୟାକର ପୃଥିବୀକୁ ଏକ ନୂତନ କଠିନ ପ୍ରବେଶ ସହିତ ନୋ ସୁଗାର ମୃଦୁପାନୀୟ 'ଅଲ ଥଣ୍ଡର' ପ୍ରଦାନର ଅଭିଜ୍ଞତାକୁ ଦୃଢ଼ ସ୍ୱାଦ ତଥା ଅତ୍ୟନ୍ତ ଥଣ୍ଡାର ସ୍ୱର୍ଶ ସହିତ ବିତରଣ କରିଅଛି। ବ୍ରାଣ୍ଡ ଯେହେତୁ ଏହାର ୫୦ ବର୍ଷ ପୂର୍ତିକୁ ସମ୍ମୁଖୀନ ହେବାକୁ ଯାଉଛି, ଏଭଳି ଏକ ଶୁଭାରମ୍ଭ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନା ସହିତ ଥମସ ଅପର ଦୃଢ଼ ଏବଂ କଠିନ ଚିହ୍ନଟକୁ ପୁଣି ଥରେ ଉପସ୍ଥାପିତ କରିବା ସହିତ ନୋ ସୁଗାରର ଅଫର ସହିତ କୌଣସି ବୁଝାମଣା ନ କରି ଏହାର ସେହି ଆଇକନିକ୍ ଦୃଢ଼ ସ୍ୱାଦକୁ ଜାରି ରଖିଛି।

ଅଲ ଥଣ୍ଡର, ନୋ ସୁଗାର ଏହି ଟ୍ୟାଗଲାଇନ ସବୁ ପ୍ରକାର ଜିନିଷର ଉପସ୍ଥାପନ କରୁଅଛି। ଥମସ ଅପ ଏକ୍ସଫୋର୍ସ ସେହି ମାନଙ୍କ ପାଇଁ ରୂପ ଦିଆଯାଇଛି ଯେଉଁମାନେକି ସେମାନଙ୍କ ମଧ୍ୟରେ ଥିବା ପ୍ରତିଯୋଗୀତାକୁ ଅନୁଭବ କରିଥାନ୍ତି ତଥା ଏକ ସୀମାହିନ ଅବିରତ ଦୃଶ୍ୟପଟକୁ ଆଡ଼େଇ ଦେଇ ଆଗକୁ ମାଡ଼ି □ଲିଥାନ୍ତି। ଏକ ଧାରୁଆ ପ୍ରିମିୟମ ବ୍ଲାକ ଡ଼ିଜାଇନ ଯାହାକି ଏଥିପ୍ରତି ସତର୍କତା ହେବା ପାଇଁ ନିର୍ଦ୍ଦେଶ ଦେଇଥାଏ ଏହାର ଲକ୍ଷ୍ୟ ହେଉଛି ଯୁବବର୍ଗ ପାନୀୟକାରୀଙ୍କ ମଧ୍ୟରେ ଏକ ଅବିରାମ ଶକ୍ତିଶାଳୀ ଉର୍ଜ୍ଜା ସୃଷ୍ଟି କରିବା।

ଥମସ ଅପ ଏକ୍ସଫୋର୍ସର ଚାହିଦା ଏପରିକି ଏହାର ବିଧିବଦ୍ଧ ଡ଼େବୁଟ୍‌ର ପୂର୍ବରୁ ମଧ୍ୟ ବହୁମାତ୍ରାରେ ପ୍ରତିଧ୍ୱନୀତ ହୋଇଅଛି। ଥମସ ଅପ ଏବଂ ଜେପଟୋ ମିଳିତ ଭାବରେ ଏକ କ୍ୟୁକମ୍ ଶିଳ୍ପର ଶୁଭାରମ୍ଭ କରୁଛି ଯାହାକି ପ୍ରଥମ ପ୍ରି-ବୁକ୍ ବିଶେଷତ୍ୱକୁ ନେଇ ଏକ୍ସକ୍ଲୁଜିବିଟି ଏବଂ ପ୍ରତିଷ୍ଠାର ଉଦ୍ଦିପନ୍ନାକୁ ସକ୍ଷମ କରିବାରେ ସହାୟକ ହେବ।

# ଗୁଜରାଟ ଟାଇଟନ୍ସର ବଡ଼ ବିଜୟ



ହାଇଦ୍ରାବାଦ,୬।୪: ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ଓ ଶୁବମନ ଗିଲଙ୍କ ଅର୍ଦ୍ଧଶତକ ବଳରେ ଗୁଜରାଟ ଟାଇଟନ୍ସ (ଜିଟି) ୭ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍)କୁ ପରାସ୍ତ କରିଛି ହାଇଦ୍ରାବାଦ ପକ୍ଷରୁ ଧାର୍ଯ୍ୟ ୧୫୩ ରନର ଟାର୍ଗେଟକୁ ଗୁଜରାଟ ୧୬.୪ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା।

ଗୁଜରାଟର ଏହା ଚତୁର୍ଥ ମ୍ୟାଚରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ଲଗାତର ଚତୁର୍ଥ ପରାଜୟ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ କରିବାକୁ ସକ୍ଷମ ହୋଇଥିଲା ଦଳ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩୧, ହେନରିଚ କ୍ଲାସେନ ୨୭, ଅଧିନାୟକ ପ୍ୟାଟ କୁମିନ୍ସ ୨୨, ଅଭିଶେକ ଶର୍ମା ୧୮, ଅନିକେତ ବର୍ମା ୧୮, ଇଶାନ କିଶନ ୧୭ ରନ କରିଥିଲେ।

ବୋଲିଂରେ ଜିଟି ପାଇଁ ମହମ୍ମଦ ସିରାଜ ସର୍ବାଧିକ ୪ ଉଇକେଟ ନେଇଥିଲେ ଏଥିସହିତ ସେ ଆଇପିଏଲ୍‌ରେ ୧୦୦ ଉଇକେଟ ନେବାର ମାଇଲଖୁଣ୍ଟ ପୂରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ଓ ଆର ସାଇ କିଶୋର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଆରମ୍ଭରୁ ସାଇ ସୁଦର୍ଶନ ଓ ଜୋସ ବଟଲରଙ୍କ ଉଇକେଟ ହରାଇଥିଲା ଚତୁର୍ଥ କ୍ରମରେ ଆସିଥିବା ୱାଶିଂଟନ ସୁନ୍ଦରଙ୍କ ସହ ମିଶି ଅଧିନାୟକ ଶୁବମନ ଗିଲ ତୃତୀୟ ଉଇକେଟ ଲାଗି ୯୦ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ।

ୱାଶିଂଟନ ୨୯ ବଲରେ ୫ ଚୌକା ଓ ୨ ଛକା ସହିତ ୪୯ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଗିଲ ଓ ଶେର୍ଫେନ ରଦରଫର୍ଡ ଦଳକୁ ଜିତିବା ଲାଗି ଦରକାର ଥିବା ରନ ସଂଗ୍ରହ କରି ନେଇଥିଲେ। ଗିଲ ୪୩ ବଲରେ ୯ ଚୌକା ସହିତ ୬୧ ଓ ରଦରଫର୍ଡ ୧୬ ବଲରେ ୬ ଚୌକା ଓ ୧ ଛକା ସହ ୩୫ ରନ କରି ଅପରାଜିତ ଥିଲେ।

## ଆହତ ହେଲେ ଫିଲିପ୍ସ

ହାଇଦ୍ରାବାଦ,୬।୪: ସନରାଇଜର୍ସ ହାଇଦ୍ରାବାଦ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଚଳିତ ସିଜିନ୍ ର ୧୯ ତମ ମୁକାବିଲା ଖେଳାଯାଉଛି ।ଏହି ମୁକାବିଲାରେ ଟସ୍ ଗୁଜରାଟ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପାୱାରପ୍ଲେ ସମୟରେ ଦଳକୁ ବଡ଼ ଝଟକା ଲାଗିଛି ।ଷ୍ଟାର ଖେଳାଳି ଗ୍ଲେନ୍ ଫିଲିପ୍ସ ଫିଲ୍ଡିଂ ସମୟରେ ଆହତ ହୋଇ ପଡିଆ ଛାଡିଥିଲେ

ନ୍ୟୁଜିଲାଣ୍ଡର ଷ୍ଟାର କ୍ରିକେଟର ଗ୍ଲେନ୍ ଫିଲିପ୍ସଙ୍କୁ ଗୁଜରାଟ ଟାଇଟାନ୍ସ ଆଇପିଏଲ ୨୦୨୫ ମେଗା ନିଲାମୀରେ ମୂଳ ମୂଲ୍ୟ ୨ କୋଟି ଟଙ୍କାରେ କିଣିଛି ।ତେବେ ଏପର୍ଯ୍ୟନ୍ତ ତାଙ୍କୁ ଗୋଟିଏ ମ୍ୟାଚ ଖେଳିବାର ସୁଯୋଗ ମିଳିନାହିଁ। ତେବେ ହାଇଦ୍ରାବାଦ ବିପକ୍ଷରେ ଖେଳାଯାଉଥିବା ମ୍ୟାଚରେ ତାଙ୍କୁ ଖେଳାଳି ଭାବେ ଫିଲ୍ଡିଂ କରିବାକୁ ଆସି ଆହତ ହୋଇଛନ୍ତି

ପ୍ରକୃତରେ, ଷଷ୍ଠ ଓଭରରେ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍ ରେ ଇଶାନ କିଶାନ ବଲକୁ ଖେଳିଦେଇ ଏବଂ ଏକ ରନ ସଂଗ୍ରହ କରିଥିଲେ ତାପରେ ଗ୍ଲେନ୍ ଫିଲିପ୍ସ ବଲଟିକୁ ସଂଗ୍ରହ କରି ଫିଙ୍ଗି ଦେଇଥିଲେ ଏବଂ ତାପରେ ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଇଥିଲା। ତାଙ୍କର ହ୍ୟାମଷ୍ଟ୍ରିଙ୍ଗ୍‌ରେ ସମସ୍ୟା ଥିଲା ଏବଂ ସେ ପଡ଼ିଆରେ ଶୋଇ ପଡ଼ିଥିଲେ। ଏହା ଜଣାପଡୁଥିଲା ଯେ ଥ୍ରୋ କରିବା ସମୟରେ ତାଙ୍କର ହାମଷ୍ଟ୍ରିଙ୍ଗ୍ ଟାଣି ହୋଇଯାଇଥିଲା ତାଙ୍କୁ ଯନ୍ତ୍ରଣା ହେଉଥିବା ଦେଖି, ଫିଜିଓ ତୁରନ୍ତ ପଡ଼ିଆକୁ ଆସିଥିଲେ ଏବଂ ଯେତେବେଳେ ଫିଲିପ୍ସଙ୍କ ଅବସ୍ଥାରେ ଉନ୍ନତି ନ ହେଲା, ତାଙ୍କୁ ପଡ଼ିଆରୁ ବାହାରକୁ ନିଆଯାଇଥିଲା।

## ଗଞ୍ଜାମରୁ ୪ ଜଣ ଜାତୀୟ ବାସ୍କେଟବଲ ଖେଳ ପାଇଁ ପୁଡୁଚେରୀ ଗସ୍ତ





ବ୍ରହ୍ମପୁର,୬।୪(ମହାଭାରତ): ପୁଡୁଚେରୀର ଉପାଲମ ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୯ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୪୦ତମ ୟୁଥ୍ ନ୍ୟାସନାଲ ବାସ୍କେଟବଲ ଚମ୍ପିଅନସିପ। ଏନେଇ ଭାରତୀୟ ବାସ୍କେଟବଲ ଫେଡେରେସନ, ପୁଡୁଚେରୀ ବାସ୍କେଟବଲ ସଂଘ ଏବଂ ପୁଡୁଚେରୀ କ୍ରୀଡା ଉନ୍ନୟନ କର୍ତ୍ତୃପକ୍ଷର ମିଳିତ ଆନୁକୂଲ୍ୟରେ ଏହି ଜାତୀୟ ସ୍ତରର ଖେଳର ଆୟୋଜନ କରାଯାଉଛି। ଉକ୍ତ ଜାତୀୟ ଯୁବ ବାସ୍କେଟବଲ ଚମ୍ପିଅନସିପ ପାଇଁ ଓଡିଶା ଦଳର ଉଭୟ ବାଳକ ଓ ବାଳିକା ଦଳର ଚୟନ ଶିବିର କଟକ ସ୍ଥିତ ବାରବାଟି ଷ୍ଟାଡିୟମରେ ୨୮ରୁ ୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

ଚୟନ ଶିବିରରେ ଚୟନ କର୍ତ୍ତାଙ୍କ ଦ୍ୱାରା ଉଭୟ ବାଳକ ଓ ବାଳିକା ବର୍ଗରେ ୧୨ଜଣ ଲେଖାଏଁ ଖେଳାଳୀଙ୍କୁ ଓଡିଶା ଦଳ ପାଇଁ ଚୟନ କରାଯାଇଛି। ଘୋଷିତ ଓଡିଶା ଦଳର ବାଳକ ବିଭାଗରେ ଗଞ୍ଜାମରୁ ଆଲୋକ ରଞ୍ଜନ ଲାକ୍ରା ଓ ଯେଶରାଜ ରଞ୍ଜନ ରାଉତ ଏବଂ ବାଳିକା ବିଭାଗରେ ଆସମସା ରାଜଗୁରୁ ଓ ଶ୍ରେୟା ମହାପାତ୍ର ମନୋନୀତ ହୋଇଥିବା ଓଡିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁଙ୍କ ଠାରୁ ସୂଚନା ମିଳିଛି। ଏନେଇ ଆଜି ଉଭୟ ବାଳକ ଓ ବାଳିକା ବର୍ଗର ଓଡିଶା ଦଳ ପୁଡୁଚେରୀ ଅଭିମୁଖେ ଟ୍ରେନ ଯୋଗେ ଯାତ୍ରା ହୋଇଛି । ଘୋଷିତ ଓଡିଶା ଦଳ ନିୟମିତ ଅଭ୍ୟାସ ଜାରି ରଖିଥିବା ସହିତ ଦକ୍ଷ ପ୍ରଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିବା ବେଳେ ଖେଳାଳୀଙ୍କ ମଧ୍ୟରେ ବେଶ ସମନ୍ୱୟ ରହିଥିବାରୁ ଉଭୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରିଛନ୍ତି ରାଜ୍ୟ ବାସ୍କେଟବଲ ସଂଘର ସମ୍ପାଦକ ଶ୍ରୀ ସାହୁ। ସେହିଭଳି ଓଡିଶା ଦଳରେ ସ୍ଥାନ ପାଇବା ସହ ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିବାରୁ ଗଞ୍ଜାମର ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି ଗଞ୍ଜାମ କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ।

## ମୁମ୍ବାଇ ଦଳରେ ବୁମରାଙ୍କ ଏଣ୍ଟ୍ରି

ନୂଆଦିଲ୍ଲୀ,୬।୪: ଭାରତୀୟ ପ୍ରିମିୟର ପେସର ଯଶପ୍ରୀତ ବୁମରା ଆନୁଷ୍ଠାନିକ ଭାବେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଦଳରେ ଯୋଗଦେଇଛନ୍ତି। ୫ ଥରର ଚମ୍ପିୟନ ଦଳ ପକ୍ଷରୁ ସୋସିଆଲ ମିଡିଆ ଜରିଆରେ ଏ ନେଇ ସୂଚନା ଦିଆଯାଇଛି।

ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ରେ ରିହାବିଲିଟେଶନ ଶେଷ କରିବା ପରେ ବୁମରା ମୁମ୍ବାଇ ଦଳରେ ଯୋଗଦେଇଛନ୍ତି ୩୧ ବର୍ଷୀୟ ପେସର ଚଳିତ ସିଜନରେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଅଛନ୍ତି ତାଙ୍କ ପ୍ରତ୍ୟାବର୍ତ୍ତନ ପଏଣ୍ଟ ଟେବୁଲରେ ଦଳର ସ୍ଥିତି ବଦଳାଇବ ବୋଲି ଆଶା କରାଯାଉଛି। ମୁମ୍ବାଇ ଦଳ ସୋମବାର ୱାଙ୍ଖେଡେ ଷ୍ଟାଡିୟମରେ ତାର ପରବର୍ତ୍ତୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ଭେଟିବ ବୁମରା ଏହି ମ୍ୟାଚରେ ଖେଳିପାରନ୍ତି ବୋଲି ଦଳର ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି ।ସେ କହିଛନ୍ତି ଯେ, ବୁମରା ମ୍ୟାଚ ଲାଗି ଉପଲବ୍ଧ ଅଛନ୍ତି ।ସେ ଆଜି ଟ୍ରେନିଂ କରୁଛନ୍ତି ।

# ପଞ୍ଜାବକୁ ୫୦ ରନରେ ହରାଇଲା ରାଜସ୍ଥାନ



ଚଣ୍ଡିଗଡ଼,୬।୪ ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ଶାଣିତ ବୋଲିଂ ବଳରେ ପଞ୍ଜାବ କିଙ୍ଗ୍ସକୁ ୫୦ ରନରେ ହରାଇଛି ରାଜସ୍ଥାନ ରୟାଲ୍ସ। ଆଇପିଏଲ୍‌ର ୧୮ତମ ମ୍ୟାଚ୍ ଜିତି ଚଳିତ ସଂସ୍କରଣର କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଜିତିବା ସହ ପଏଣ୍ଟ ତାଲିକାରେ ସପ୍ତମକୁ ଉଠିଛି ରାଜସ୍ଥାନ। କ୍ରମାଗତ ଦୁଇଟି ମ୍ୟାଚ୍ ଜିତିଥିବା ପଞ୍ଜାବ ଆଇପିଏଲ୍ ୨୦୨୫ରେ ପ୍ରଥମ ପରାଜୟ ଭୋଗିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୪ ୱିକେଟ୍ ହରାଇ ୨୦୫ ରନ କରିଥିଲା ।ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୭ ରନ କରିଥିବା ବେଳେ ରିୟାନ ପରାଗ ୪୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ଜବାବରେ ପଞ୍ଜାବ କିଙ୍ଗ୍ସ ୯ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଛି। ନେହଲ ୱଧେରାଙ୍କ ୬୨ ରନର ଇନିଂସ ବୃଥା ହୋଇଛି ବୋଲିଂ ଜୋଫ୍ରା ଆର୍ଚରେ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି ।

୨୦୬ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଓହ୍ଲାଇଥିବା ପଞ୍ଜାବ କିଙ୍ଗ୍ସକୁ ପ୍ରଥମ ଓଭରରେ ହିଁ ଡବଲ ଝଟକା ଲାଗିଥିଲା ପ୍ରିୟାଂଶ ଆର୍ଯ୍ୟ ପ୍ରଥମ ଓଭରର ପ୍ରଥମ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ ଏହା ପରେ ଅଧିନାୟକ ଶ୍ରେୟସ ଆୟର(୧୦ ରନ) ଆଉଟ୍ ହେବା ପଞ୍ଜାବ କିଙ୍ଗ୍ସକୁ ବଡ଼ ଝଟକା ଲାଗିଥିଲା ।ମାର୍କସ ଷ୍ଟୋଇନିସ(୧ ରନ) ନିରାଶ କରିଥିଲେ ।ଫର୍ମରେ ଥିବା ପ୍ରଭସିମରନ ସିଂ ୧୭ ରନ କରି ପାଭିଲିୟନ ଫେରିଥିଲେ। ୪୩ ରନରେ ୪ ୱିକେଟ୍ ହରାଇବା ପରେ ନେହଲ ୱଧେରା ଓ ଗ୍ଲେନ ମ୍ୟାକ୍ସୱେଲ ପଞ୍ଚମ ୱିକେଟରେ ୮୮ ରନ ଯୋଡ଼ି ଦଳର ସ୍ଥିତି ସୁଧାରିବା ସହ ବିଜୟ ଆଶା ଉଜ୍ଜୀବିତ ରଖିଥିଲେ । ତେବେ ୧୩୧ ରନ ସ୍କୋରରେ ୱଧେରା ଓ ମ୍ୟାକ୍ସୱେଲ ଆଉଟ୍ ହେବା ସହ ପଞ୍ଜାବର ବିଜୟ ଆଶା ମଉଳି ଯାଇଥିଲା। ଅର୍ଦ୍ଧଶତକ ହାସଲ କରିଥିବା ୱଧେରା ୪୧ ବଲରୁ ୪ ଚୌକା ଓ ୩ ଛକା ସହ ୬୨ ରନ କରି ଆଉଟ୍ ହୋଇଥିଲେ ଏହା ପରେ ପଞ୍ଜାବ ନିୟମିତ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା ବୋଲିଂରେ ଜୋଫ୍ରା ଆର୍ଚର ୨୫ ରନ ଦେଇ ୩ ୱିକେଟ୍ ନେଇଥିଲେ ସନ୍ଦୀପ ଶର୍ମା ଓ ମହିଶ ତୀକ୍ଷଣା ପ୍ରତ୍ୟେକଙ୍କୁ ଦୁଇଟି ୱିକେଟ୍ ମିଳିଛି ।

## ଗଣଦୌଡ଼

ବଲାଙ୍ଗିର,୬।୪(ନି.ପ୍ର.): ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶାୟ ଓଡ଼ିଆ। ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ। ପକ୍ଷର ପଞ୍ଚମ ଦିବସରେ ଆଜି ବଲାଙ୍ଗିରଠାରେ କୋଶଳ କଳା ମଣ୍ଡଳ ପଡିଆରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁଳ ସଂଖ୍ୟାରେ ବଲାଙ୍ଗିରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।



## ୱାଲର୍ଡ ବକ୍ସିଂ କପ୍‌ରେ ଭାରତକୁ ୬ ପଦକ

ନୂଆଦିଲ୍ଲୀ,୬।୪: ବ୍ରାଜିଲର ଫଜ ଡୋ ଆଇଗୁଆକୁଠାରେ ଅନୁଷ୍ଠିତ ୱାଲର୍ଡ ବକ୍ସିଂ କପ୍ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ୬ ପଦକ ଜିତିଛନ୍ତି ପଦକ ତାଲିକାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ୪ ବ୍ରୋଞ୍ଜ ରହିଛି। ହିତେଶ ପ୍ରଥମ ଭାରତୀୟ ଭାବେ ୱାଲର୍ଡ ବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଆୟୋଜିତ ଏଲିଟସ୍ତରୀୟ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସେ ୭୦ କେଜି ବର୍ଗର ଫାଇନାଲରେ ପ୍ରବେଶ କରିଥିଲେ କିନ୍ତୁ ଫାଇନାଲ ପୂର୍ବରୁ ତାଙ୍କ ପ୍ରତିପକ୍ଷ ବକ୍ସର ଇଂଲଣ୍ଡର ଓଡେଲ କମରା ଆହତ ସମସ୍ୟା ଯୋଗୁ ଓହରି ଯାଇଥିଲେ। ଅଭିନାଶ ଜମ୍ୱାଲ ୬୫ କେଜି କ୍ୟାଟେଗୋରୀ ଫାଇନାଲରେ ସ୍ଥାନୀୟ ଫେଭରାଇଟ ୟୁରି ରେଇଜଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି ଏମାନଙ୍କ ବ୍ୟତୀତ ଯଦୁମଣି ସିଂ ମାନଦେଙ୍ଗବାମ (୫୦ କେଜି), ମନୀଷ ରାଠୋର (୫୫ କେଜି), ସଚିନ (୬୦ କେଜି) ଓ ବିଶାଲ (୯୦ କେଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ହିତେଶ ତାଙ୍କ ସଫଳତା ଲାଗି ଟୁର୍ନାମେଣ୍ଟ ପୂର୍ବରୁ ବ୍ରାଜିଲରେ ଅନୁଷ୍ଠିତ ୧୦ ଦିନିଆ। ପ୍ରସ୍ତୁତି କ୍ୟାମ୍ପକୁ ଶ୍ରେୟ ଦେଇଛନ୍ତି ଏହି କ୍ୟାମ୍ପ ଜରିଆରେ ମୁଁ ଅନେକ କିଛି ଶିଖିବାକୁ ପାଇଥିଲି ଏହି ଟୁର୍ନାମେଣ୍ଟ ଆମକୁ ଶୀର୍ଷସ୍ତରରେ ଖୁବ୍ ଭଲ ପ୍ଲାଟଫର୍ମ ଯୋଗାଇଥିଲା ବୋଲି ସେ କହିଛନ୍ତି ୱାଲର୍ଡ ବକ୍ସିଂ କପ୍ ଲାଗି ଭାରତ ଏକ ୧୦ ଜଣିଆ। ପୁରୁଷ ଦଳ ପଠାଇଥିଲା ପ୍ୟାରିସ ଅଲିମ୍ପିକ୍ସ ପରେ ଏହା ଭାରତୀୟ ବକ୍ସରଙ୍କ ଲାଗି ପ୍ରଥମ ଶୀର୍ଷସ୍ତରୀୟ ଟୁର୍ନାମେଣ୍ଟ।

# ଅବସର ସମ୍ପର୍କରେ ମୁହଁ ଖୋଲିଲେ ଧୋନୀ



ମହେନ୍ଦ୍ର ସିଂହ ଧୋନୀ ତାଙ୍କର ଅବସର ସମ୍ପର୍କରେ ଚାଲିଥିବା ଗୁଜବ ଉପରେ ନିଜର ମୁହଁ ଖୋଲିଛନ୍ତି । ନିକଟରେ ଏକ ପଡକାଷ୍ଟରେ ଯୋଗଦେଇ ଧୋନୀ ଏହି ବିଷୟରେ ନିଜର ନିଷ୍ପତ୍ତି ଉପରେ ଖୋଲି ଆଲୋଚନା କରିଥିଲେ ଶନିବାର ଦିଲ୍ଲୀ ବିପକ୍ଷ ମୁକାବିଲାରେ ଧୋନୀଙ୍କ ବାପା ଏବଂ ମା ଚିପକ୍ ଷ୍ଟାଡିୟମରେ ଉପସ୍ଥିତ ଥିଲେ, ଯାହାପରେ ଗୁଜବ ଆରମ୍ଭ ହୋଇଯାଇଥିଲା ଯେ, ଧୋନୀ ଚଳିତ ସିଜିନ୍ ପରେ ଅବସର ନେଇପାରନ୍ତି।

ସେହିପରି କିଛି ଦର୍ଶକ ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ଯେ, ଧୋନୀଙ୍କ ସ୍ତ୍ରୀ ଝିଅ ଜିଭାଙ୍କୁ ଶେଷ ମ୍ୟାଚ୍ ବୋଲି କହୁଥିଲେ, ଯାହା ଅବସର ଗୁଜବକୁ ଆହୁରି ତୀବ୍ର କରିଥିଲା କିନ୍ତୁ ରାଜ ଶମାନିଙ୍କ ପଡକାଷ୍ଟରେ ଧୋନୀ ତାଙ୍କର ପ୍ରଶଂସକମାନଙ୍କୁ ଏହା ନିଶ୍ଚିତ କରିଥିଲେ ନିଶ୍ଚିତ କରିଥିଲେ ଯେ, ଚଳିତ ସିଜିନ୍ ଶେଷରେ ସେ ଅବସର ନେଉ ନାହାନ୍ତି ।ଧୋନି ପ୍ରକାଶ କରିଛନ୍ତି ଯେ, ସେ ତାଙ୍କ ଶରୀରକୁ ୮ ମାସ ଦେବେ ଯେ ସେ ୪୪ ବର୍ଷ ବୟସରେ ଖେଳିପାରିବେ କି ନାହିଁ ଯଦି ସିଜିନ୍ ଆରମ୍ଭ ସୁଦ୍ଧା ତାଙ୍କ ଶରୀର ଯଥେଷ୍ଟ ଭଲ ଦେଖାଯାଏ, ତେବେ ସେ ପ୍ରତିଯୋଗିତାରୁ ବିଦାୟ ନେବା ପାଇଁ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେ ଗୋଟିଏ ବର୍ଷ ଯୋଡ଼ିବେ।

ନା, ଏବେ ନୁହେଁ ମୁଁ ଏବେ ବି ଖେଳୁଛି ମୁଁ ଏହାକୁ ବହୁତ ସରଳ ରଖିଛି, ମୁଁ ଏଥିରେ ଆଉ ଗୋଟିଏ ବର୍ଷ ଯୋଡିବି, ମୁଁ ବର୍ତ୍ତମାନ ୪୩ ବର୍ଷ ବୟସର, ଯେତେବେଳେ ୨୦୨୫ ଶେଷ ହେବ, ମୁଁ ୪୪ ବର୍ଷ ହେବି, ତେଣୁ ତାପରେ ମୁଁ ଖେଳିବି କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ମୋର ୧୦ମାସ ଅଛି କିନ୍ତୁ ଏହା ମୁଁ ଏହି ନିଷ୍ପତ୍ତି ନେଉନାହିଁ, ଏହା ମୋର ଶରୀର ନିଷ୍ପତ୍ତି ନେଉଛି ।ତେଣୁ, ଗୋଟିଏ ବର୍ଷ ପରେ, ଏ ବିଷୟରେ ନିଷ୍ପତ୍ତି ନେବୁ ବୋଲି ଏମଏସ ଧୋନି ପଡକାଷ୍ଟରେ କହିଥିଲେ।

# ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ଚମ୍ପିଆନସିପ୍




କେନ୍ଦୁଝର,୬।୪:କେନ୍ଦୁଝରରେ ପ୍ରଥମ ଥର ଚଳିତ ୮ ତାରିଖରେ ହେବାକୁ ଯାଉଛି ୩୯ ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ଚମ୍ପିଆନସିପ ଯାହାର ପ୍ରସ୍ତୁତି ତଥା ପୋଷାକ, ଟ୍ରଫି ଓ ମେଡାଲର ଆଜି ହୋଇଛି ଉନ୍ମୋଚନ ଜିଲ୍ଲାପାଳ ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏ ସବୁକୁ କରିଥିଲେ ଉନ୍ମୋଚନ ସାଙ୍ଗରେ ରାଜ୍ୟ ହାଣ୍ଡବଲ ସଂଘର ସମ୍ପାଦକ ମାନସ ସିଂ ଓ ଜିଲା ସଂଘର ସଭାପତି ଇଂ ବସନ୍ତ ଦାନି ଓ ସମ୍ପାଦକ ରିତିକ ଅଧିକାରୀ ତଥା କୋଷାଧ୍ୟକ୍ଷ ଦୟା ସାଗର ପଣ୍ଡା ଉପସ୍ଥିତ ଥିଲେ ଏହି ଖେଳରେ ଦେଶର ସମସ୍ତ ରାଜ୍ୟ ଭାଗ ନେବେ । ଜିଲ୍ଲା ସଂଘଏହି ଖେଳକୁ ଆୟୋଜନ କରୁଥିବା ରୁ ଜିଲ୍ଲାର ସମସ୍ତ ଖେଳାଳୀ ଖୁସି ବ୍ୟକ୍ତ କରିଛନ୍ତି ଦିର୍ଘ ୪୫ ବର୍ଷ ପରେ କେନ୍ଦୁଝରରେ ଜାତୀୟ ହ୍ୟାଣ୍ଡବଲ ଖେଳ ହେଉଥିବାରୁ କେନ୍ଦୁଝରବାସୀ ଏହାକୁ ନେଇ ବହୁ ଖୁସି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି ଜିଲ୍ଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ରିତିକ ଅଧିକାରୀ ।

## ବରଗଡ଼ରେ ଚିଫ୍ ମିନିଷ୍ଟର କପ୍ ଫୁଟ୍‌ବଲ ମ୍ୟାଚ

ବରଗଡ଼,୬।୪: ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଫୁଟ୍‌ବଲ୍ ଆସୋସିଏଶନ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆସନ୍ତା ସୋମବାରରୁ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ୧୫ ବର୍ଷରୁ କମ୍ ବୟସ ବର୍ଗର ଚିଫ୍ ମିନିଷ୍ଟର କପ୍ ଫୁଟବଲ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ୧୫ଜିଲାରେ ପ୍ରତିଯୋଗିତା ଆୟୋଜିତ ହୋଇ ସାରିଥିବା ବେଳେ ସୋମବାରରୁ ବରଗଡ଼ ସମେତ ଅନ୍ୟ ଜିଲାଗୁଡ଼ିକରେ ଏହା ଆରମ୍ଭ ହେବ ରାଜ୍ୟ ସରକାର ଓ ଫୁଟବଲ ଆସୋସିଏଶନ୍ ଅଫ ଓଡ଼ିଶା ତୃଣମୂଳସ୍ତରରେ ଯୁବ ଫୁଟବଲ ପ୍ରତିଭା ଚୟନ ପାଇଁ ଆୟୋଜିତ ହେଉଥିବା ପ୍ରତିଯୋଗିତାର ଚୟନକର୍ତ୍ତାମାନଙ୍କ ଦାରା ଚୟନ ହୋଇଥିବା ଖେଳାଳିମାନେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଏକାଡେମୀ ତଥା ବିଭିନ୍ନ ଜିଲାରେ ଥିବା କ୍ରୀଡ଼ା ହଷ୍ଟେଲଗୁଡ଼ିକରେ ରହି ଫୁଟବଲ ଖେଳରେ ପ୍ରଶିକ୍ଷଣ ପାଇପାରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ